ସକାଳ THE SAKALA



www.sakalaepaper.com

## ବନ୍ଧପଡ଼ା ପଞ୍ଚାୟତରେ ମନରେଗା ଦୁର୍ନୀତି

# ମାଟି କାମ ନ ହୋଇ ଲକ୍ଷାଧିକ ଟଙ୍କା ଆତ୍ମସାତ ଅଭିଯୋଗ

**ଦେଓଗାଁ, ୮।୬(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅଧୀନ ବନ୍ଧପଡ଼ାରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏ)ରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବନ୍ଧପଡ଼ାର କଲୋନୀ ପଡ଼ା ନିକଟରେ ଥିବା ଏମଆଇ ବନ୍ଧରେ ମାଟି କାମ ହୋଇଥିବା ଦର୍ଶାଇ

### ତଦନ୍ତ ଦାବିକଲେ ସ୍ଥାନୀୟ ଶ୍ରମିକ

କାମ କରି ନ ଥିବା ଲୋକଙ୍କ ନାଁରେ ଲକ୍ଷାଧିକ ଟଙ୍କା ଉଠାଯାଇଥିବା ଗ୍ରାମର ଶ୍ରମିକ ରାମେଶ୍ୱର ଦୀପ, ବଳରାମ କୁମ୍ଭାର, ଶୁଶାନ୍ତ ନନ୍ଦ, ଦିବାକାର ନନ୍ଦ, ମହେନ୍ଦ୍ର ନାଗ, କିରଣ ଛତ୍ରିଆ, ହେମନ୍ତ କୁମ୍ଭାର ଓ ଅନ୍ୟମାନେ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଉକ୍ତ ବନ୍ଧଟି କ୍ଷୁଦ୍ରଜଳସେଚନ ବିଭାଗ ଅଧୀନରେ ଥିବାରୁ ଏଠାରେ ମନରେଗା ଯୋଜନାରେ ମାଟି ଉନ୍ନତୀକରଣ କାମ ନ ହେବା କଥା ଜଣେ ଅଧିକାରୀ ନାମଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏହି ବନ୍ଧରେ କାଣିଚାଏ ବି ମାଟି କାମ ନ ହୋଇ କେମିତି ବାହାର ଲୋକଙ୍କ ନାଁରେ ଟଙ୍କା ଉଠାହେଲା ତାହା ତଦନ୍ତ ସାପେକ୍ଷ। ବିନା କାମରେ ଟଙ୍କା ଉଠାଇବା ଘଟଣାକୁ କେମିତି



ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ ଓ ଜେଇ ଜାଣିପାରିଲେ ନାହିଁ ତାହା ଆଶ୍ଚର୍ଯ୍ୟ। ମିଳିଥିବା ତଥ୍ୟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ଉକ୍ତ ବନ୍ଧର ମାଟି ଉନ୍ନତିକରଣ ପାଇଁ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ହେଲେ ସେ ସମୟରେ କାମ ହୋଇ ନ ଥିବା ବେଳେ ଏବେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ବନ୍ଧରେ ବିନା ମାଟି କାମରେ ଶ୍ରମିକଙ୍କ ନାଁରେ ଟଙ୍କା ଉଠା ଯାଇଥିବା ମନରେଗା ଯୋଜନାର ତଥ୍ୟ କହୁଛି। ଏପରିକି ଶ୍ରମିକ ମାନଙ୍କ ଅଭିଯୋଗ ପରେ ପଞ୍ଚାୟତ କର୍ତ୍ତୃପକ୍ଷ ଏବେ ଛାନିଆ ହୋଇପଡ଼ି ଘଟଣାକୁ ରଫାଦଫା କରିବାପାଇଁ ଉଦ୍ୟମ କରୁଥିବା ସାଧାରଣରେ ଆଲୋଚନା ହେଉଛି। କାମ ନ ହୋଇ ଶ୍ରମିକ ନାଁରେ ଟଙ୍କା ପକାଇ ଟଙ୍କା ଉଠାଇଥିବା ତଥ୍ୟ ଅଞ୍ଚଳରେ ଘୁରିବୁଲୁଥିବାବେଳେ ଏ ଦିଗରେ ଆବଶ୍ୟକ ଦତନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣରେ ଦାବି ହେଉଛି। ସରକାର ଦାଦନ ସମସ୍ୟା ରୋକିବା ପାଇଁ ମନରେଗା ଯୋଜନାରେ ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଉକ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ କାମ କରି ନ ଥିବା ଶ୍ରମିକମାନଙ୍କ ନାଁରେ ଟଙ୍କାଉଠାଇ ହରିଲୁଟ କରୁଥିବା ବନ୍ଧପଡ଼ା ପଞ୍ଚାୟତ ଏକ ଉଦାହରଣ ମାତ୍ର। ଘଟଣା ବିଷୟରେ ସମ୍ପୃକ୍ତ ପଞ୍ଚାୟତର ଜିଆରଏସ୍ ଦଳଗଞ୍ଜନ ପଧାନଙ୍କୁ ପଚାରିବାରୁ ଅଭିଯୋଗକୁ ସ୍ୱୀକାର କରିବାସହ ଆଗକୁ ଏପରି ହେବନାହିଁ ବୋଲି କହିଥିଲେ। ସେହିପରି ମନରେଗା ବ୍ଲକ ସଂଯୋଜକ(ଏପିଓ) ସୁଧାଂଶୁ ଭୂଷଣ ମେହେରଙ୍କୁ ପଚାରିବାରୁ ଅଭିଯୋଗ ପାଇନାହିଁ, ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟିଦେଇ ଶ୍ରମିକମାନଙ୍କ ସ୍ୱାର୍ଥଦୃଷ୍ଟିରୁ ତଦନ୍ତ ପୂର୍ବକ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାକ୍ସ କର୍ମଚାରୀଙ୍କୁ ହତ୍ୟା



**ଟିଟିଲାଗଡ଼, ୮।୬(ସମିସ):** ଟିଟିଲାଗଡ଼ ଥାନା ଅଧୀନ ବିଜେପୁର ପାକ୍ସ କର୍ମଚାରୀ ସୂର୍ଯ୍ୟମଣୀ ମାଝୀ(୪୦)ଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସୂର୍ଯ୍ୟ ପାକ୍ସ କାର୍ଯ୍ୟାଳୟରେ ନିଜ କାମସାରି ଶୁକ୍ରବାର ଅପରାହ୍ଣରେ ମଧ୍ୟାହ୍ନଭୋଜନ ପାଇଁ ନିଜ ଗ୍ରାମ ଥୁବୁଡିଙ୍ଗକୁ ବାଇକ୍ ଯିବାବେଳେ ରାସ୍ତାରେ ଲୁହାଛଡ଼ ଏବଂ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ଆକ୍ରମଣ ହୋଇଥିଲା। ଫଳରେ ସୂର୍ଯ୍ୟ ସେଠାରେ ଟଳିପଡ଼ିଥିଲେ। ପରିବାର ଲୋକେ ଖବରପାଇ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟିଟିଲାଗଡ଼ ଥାନାରେ ଏକ ମାମଲା ରୁଜୁ ହେବାସହ ପୁଲିସ ଅଧିକ ତଦନ୍ତ ଜାରିରଖିଛି। ଅନ୍ୟପକ୍ଷରେ ମୃତ୍ୟୁପୂର୍ବରୁ ସୂର୍ଯ୍ୟ ପରିବାର ଲୋକଙ୍କୁ ଆକ୍ରମଣକାରୀଙ୍କ ନାମ କହିଥିବାବେଳେ ପୁଲିସ ତତ୍ପରତା ପ୍ରକାଶ କରିଛି। ଘଟଣାର ୨୪ ଘଣ୍ଟା ନପୁରୁଣୁ

### ୨୪ ଘଣ୍ଟା ନ ପୂରୁଣୁ ଅଭିଯୁକ୍ତ ଗିରଫ

ସଇଁତଲା ଥାନା ଅନ୍ତର୍ଗତ ଜଳିଆ ଗ୍ରାମର ଅଭିଯୁକ୍ତ ଅଶୋକ ହରପାଲ ଏବଂ ଶରତ ପଟେଲଙ୍କୁ ପୁଲିସ ବଲାଙ୍ଗିର ସହରରୁ ଧରିଛି। ଏହାସହ ବଲାଙ୍ଗିର ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ଅବନୀ ସାହୁଙ୍କ ନେତୃତ୍ୱରେ ଏକ ଟିମ ଘଟଣାନେଇ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ପ୍ରସିଦ୍ଧ ଚାହୁଆ ଶିଳ୍ପୀଙ୍କ ପରଲୋକ

**ତୁଷୁରା, ୮।୬ (ସମିସ):** ଚାହୁଆ ଶିଳ୍ପୀରେ ଜଣେ ପ୍ରସିଦ୍ଧ ଚିତ୍ରକର ଭାବେ ଓଡ଼ିଶାର ଘରେ ଘରେ ପରିଚିତ ଜଗନ୍ନାଥ ଦାସ (ଜଗା)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ତୋଷରା ରାମଲୀଳା ରେ ଦୀର୍ଘବର୍ଷ ଧରି ହନୁମାନ ଭୂମିକା ଗ୍ରହଣ କରିଥିଲେ ଏବଂ ସ୍ଥାନୀୟ ହନୁମାନ ମନ୍ଦିର ପୂଜକ ତଥା ସମଲେଶ୍ୱରୀ ମନ୍ଦିରର ଏକ ଅନନ୍ୟ ସହଯୋଗୀ ଭାବେ ରହିଥିଲେ। ଜଣେ ସରଳ ଭଦ୍ର ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ ଏବଂ ଅଞ୍ଚଳର ଜନହିତକର କାର୍ଯ୍ୟ ଗୁଡିକରେ ସକ୍ରିୟ ହୋଇ ରହିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଥିବାବେଳେ ତାଙ୍କର ମୃତ୍ୟୁ ଖବରଶୁଣି ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି। ତାଙ୍କ ମର ଶରୀରକୁ ସୋନଗଡ଼ ନଦୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କ ପୁତୁରା ଆଇନଜୀବୀ ବିବେକା ଦାସ୍ ମୁଖାଗ୍ନି ଦେଇଥିଲେ।



## ସାଲେପାଲିରେ ବିଦ୍ୟୁତ୍ ସମସ୍ୟା

# ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ

**ଦେଓଗାଁ /ତୁଷୁରା, ୮।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲିରେ ବିଦ୍ୟୁତ ସମସ୍ୟା ଏବେ ଦ୍ୱିଗୁଣିତ ହୋଇଥିବାରୁ ତାର ସ୍ଥାୟୀ ସମାଧାନ ପାଇଁ ଶନିବାର ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ବେଳକୁ ଗାଁରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। କିଛି ଦିନ ହେଲା ବିନା କାରଣରେ ବାରମ୍ବାର ବିଦ୍ୟୁତ କାଟ ହେଉଥିବାରୁ ଗାଁରେ ଲୋକେ ଅତିଷ୍ଠ ହୋଇ ଗାଁ ମଝିରେ ଏକ ବୈଠକ କରି ଗାଁରୁ ଏକ ପ୍ରତିନିଧିଦଳ ପ୍ରଥମେ ଜରାସିଂହା ସ୍ଥିତ ଗ୍ରୀଡ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଦାବିପତ୍ର ଦେବାପାଇଁ ନିଷ୍ପତ୍ତି ନେଇଥିଲେ। ପରେ ଗାଁର ୩୦ରୁ ଊର୍ଦ୍ଧ୍ୱ ଯୁବକ ଜରାସିଂହା ଗ୍ରୀଡ କାର୍ଯ୍ୟାଳୟକୁ ଆସି ବିଭାଗୀୟ ଯନ୍ତ୍ରୀଙ୍କୁ ଜିଲ୍ଲା ନିର୍ବାହୀଯନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସାଲେପାଲି ଏକ ଜନବହୂଳ ତଥା ଚାଷୀପ୍ରାଧାନ୍ୟ ଗାଁ ହୋଇଥିବା ବେଳେ ଉକ୍ତ ଗାଁରେ ବୃଦ୍ଧାଶ୍ରମ, ଶିଶୁଯତ୍ନ, ଅନ୍ଧମୂକ ବଧିର ଭଳିଅନେକ ଆବାସିକ ଅନୁଷ୍ଠାନମାନ ରହିଛି। ତେଣୁ ବିଦ୍ୟୁତକାଟ ଦ୍ୱାରା ସମସ୍ତ ବର୍ଗର ଲୋକେ ପ୍ରଭାବିତ ହେଉଛନ୍ତି। ଉକ୍ତ ଗାଁକୁ ଜରାସିଂହାରୁ ନିଶିଗୁଡି ଦେଇ କମରାସ୍ତା ପଡୁଥିବା ବେଳେ ଜରାସିଂହା ଗ୍ରୀଡରୁ ବରକାନୀ ଗାଁ ଦେଇ ବିଦ୍ୟୁତ ସଂଯୋଗ କରାଯାଇଥିବାରୁ ବାରମ୍ବାର ସମସ୍ୟା ଦେଉଥିବା ଗାଁବାସୀ ଅଭିଯୋଗ କରିବାସହ ନିଶିଗୁଡି ଦେଇ ବିଦ୍ୟୁତ ସଂଯୋଗ ଦେବାକୁ ଦାବି କରିଛନ୍ତି। ଏହାସହ ଗାଁରେ ଏକ ସ୍ୱତନ୍ତ୍ର ଲାଇନ୍ ମ୍ୟାନ ନିଯୁକ୍ତି କରିବାପାଇଁ ଦାବି କରିଛନ୍ତି। ଆଗକୁ ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଗାଁବାସୀ ଚେତାବନୀ ଦେଇଛନ୍ତି।



# ନବନିର୍ବାଚିତ ବିଧାୟକଙ୍କୁ ସ୍ୱାଗତ

**ସଇଁତଲା, ୮।୬(ସମିସ):** ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ସଇଁତଲା ବରଗାଁ ଓ ମହଗାଁରେ ନବ ନିର୍ବାଚିତ ଟିଟିଲାଗଡ଼ ବିଧାୟକ ନବୀନ ଜୈନକୁ ସମ୍ବର୍ଦ୍ଧନା କରାଯାଇଥିଲା। ବରଗାଁରେ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।



ପରେ ବରଗାଁସ୍ଥିତ ବାରଭାଇ ନାଥ ଭତାବୁଢ଼ା ମନ୍ଦିରକୁ ଯାଇ ବିଧାୟକ ପୂଜା କରିଥିଲେ। ଉପସ୍ଥିତ ଜନତାଙ୍କୁ କିପରି ଭାବେ ମୌଳିକ ସୁବିଧା ପାଇପାରିବେ ସେ ସମ୍ପର୍କରେ କହିଥିଲେ।

# ହାତୀପଲ ଆତଙ୍କ ନାଁରେ ଅଘୋଷିତ ବିଦ୍ୟୁତକାଟ୍ ଅଭିଯୋଗ

**ଦେଓଗାଁ, ୮।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ବହଲି, ସିଆଳବାହାଲି, ସାରସବାହାଲ, ବଡ଼ବନ୍ଧ, ଲଣ୍ଡାପଥର, ଝିକେରମାଲ, ଡାହିମାଲ ଗାଁମାନଙ୍କରେ ହାତୀ ନାରେ ବାରମ୍ବାର ବିଦ୍ୟୁତ୍ କଟାଯାଉଥିବା ଗାଁଲୋକେ ଅଭିଯୋଗ କରିଛନ୍ତି। କିଛି ଦିନ ତଳେ ଏହି ଅଞ୍ଚଳକୁ ଏକ ହାତୀପଲ ଆସିଥିଲେ। ହେଲେ ବର୍ତ୍ତମାନ ଉକ୍ତ ହାତୀପଲ ଆଉ ଏହି ଅଞ୍ଚଳରେ ନ ଥିବା ଗ୍ରାମବାସୀ କହିଛନ୍ତି। ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢ଼ିଚାଲିଥିବା ବେଳେ ବିଦ୍ୟୁତ କାଟ୍ ସାଧାରଣ ଲୋକଙ୍କୁ ଆହୁରି ଅତିଷ୍ଠ କରିଦେଇଛି। ତେବେ ଅଞ୍ଚଳରେ ହାତୀ ଉପସ୍ଥିତିକୁ ନେଇ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଥିବାରୁ ତାକୁ ଦେଖି ଜଙ୍ଗଲ ବିଭାଗ ବିନା ତଥ୍ୟ ଅନୁସାରେ ଉକ୍ତ ଅଞ୍ଚଳରେ ବିଦ୍ୟୁତ କାଟ୍ କରିବା ପାଇଁ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଉଥିବା ଅଭିଯୋଗ ହେଉଛି। ସଇଁନ୍ତଲା ବନାଞ୍ଚଳର ଜଣେ କର୍ମଚାରୀଙ୍କ କହିବା ଅନୁସାରେ ବର୍ତ୍ତନମାନ ସଇଁନ୍ତଲା ରେଞ୍ଜ ଅଧୀନରେ ହାତୀପଲ ଆଉ ନାହାନ୍ତି। ରେଞ୍ଜର କେବଳ ଅଫିସରେ ବସି ତଳିଆ କର୍ମଚାରୀଙ୍କୁ ହାତୀ ନାରେ ହଇରାଣ କରୁଥିବା କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଏ ସଂକ୍ରାନ୍ତରେ ଦେଓଗାଁ ବିଦ୍ୟୁତ ବିଭାଗ ସେକ୍ସନ୍ ଅଫିସରଙ୍କୁ ପଚାରିବାରୁ ଅଞ୍ଚଳକୁ ହାତୀ ଆସିଥିବା କହି ରେଞ୍ଜର ଲାଇନ କାଟିବା ପାଇଁ ଫୋନଯୋଗେ ଆମକୁ କହିବାରୁ ଆମେ ବାଧ୍ୟ ହୋଇ ଲାଇନ୍ କାଟିଛୁ ବୋଲି କହିଛନ୍ତି। ପୁଣି ସଇଁନ୍ତଲା ରେଞ୍ଜର ସୁବୁଦ୍ଧିଙ୍କୁ ହାତୀ ଉପସ୍ଥିତକୁ ନେଇ ପଚାରିବା ପାଇଁ ଫୋନ କରିଥିଲେ ମଧ ଫୋନ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ଏ ଦିଗରେ ବଲାଙ୍ଗିର ବନଖଣ୍ଡ ଅଧିକାରୀ ଏବଂ ବିଦ୍ୟୁତ ବିଭାଗ ଉପରିସ୍ଥ କର୍ମଚାରୀ ଆବଶ୍ୟକ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।

## ମୌସୁମୀ ଆସୁଛି; ଚାହିଁ ବସିଛି ଇନ୍ଦ୍ରାବତୀ

# ପର୍ଯ୍ୟାପ୍ତ ବର୍ଷା ନ ହେଲେ ବିଦ୍ୟୁତ୍ ଉତ୍ପାଦନ ହେବ ପ୍ରଭାବିତ

**ଭବାନୀପାଟଣା, ୮।୬(ସମିସ)**

କଳାହାଣ୍ଡି ଜିଲ୍ଲାର ଅନ୍ନଦାତ୍ରୀ ମା' ହେଉଛି ଉପର ଇନ୍ଦ୍ରାବତୀ ବିଦ୍ୟୁତ ପ୍ରକଳ୍ପ। ଏହି ପ୍ରକଳ୍ପ ହେବା ଦ୍ୱାରା ଶହ ଶହ ହେକ୍ଟର ଚାଷ ଜମିରେ ଜଳସେଚନ ହେବା ସହ ୬୦୦ ମେଗାୱାଟ ପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ଉତ୍ପାଦନ ମଧ୍ୟ ହେଉଛି। ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳ ସର୍ବନିମ୍ନ ସ୍ତରରେ ପହଁଞ୍ଚିଛି। ଆଗାମୀ ଦିନରେ ଯଦି ପର୍ଯ୍ୟାପ୍ତ ବର୍ଷା ନ ହୁଏ ତାହାହେଲେ ସ୍ଥିତି ବିଗିଡିବା ଅସମ୍ଭବ ନୁହେଁ। ବିଗତ ଦିନରେ କଳାହାଣ୍ଡି ଜିଲ୍ଲାର ଚିତ୍ର ଯାହା ଥାଉନା କାହିଁକି ବର୍ତ୍ତମାନ ସମୟରେ ଶସ୍ୟଶ୍ୟାମଳ ହେବା ସହ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ଘଟିଛି। ୫ଟି ନଦୀକୁ ନେଇ ଇନ୍ଦ୍ରାବତୀ ଜଳଭଣ୍ଡାର ସୃଷ୍ଟି ହୋଇଥିବା ବେଳେ ଏହାର କ୍ୟାଚମେଣ୍ଟ ଏରିଆ ୨୬୩୦ବର୍ଗ କିମି ଥିବା ବେଳେ ଜଳଧାରଣ କ୍ଷମତା ୬୪୨ମିଟର ରହିଛି। ତେବେ ବର୍ତ୍ତମାନ ମୃତ୍ତିକା କ୍ଷୟ ଇନ୍ଦ୍ରାବତୀ ଜଳଭଣ୍ଡାର ଇନଟେକ୍ ୱେଲ ପାଖରେ ପଙ୍କ ଜମା ହେବା ଫଳରେ ଦିନକୁ ଦିନ ଜଳଧାରଣ କ୍ଷମତା କମିକମି ଯାଉଥିଲା। ପରବର୍ତ୍ତୀ ସମୟରେ ପଙ୍କ ଉଦ୍ଧାର କାର୍ଯ୍ୟକୁ ହାତକୁ ନିଆଯାଇଥିଲା। ଜୁଲାଇ ମାସରେ ରବି ଫସଲ ପାଇଁ କେନାଲ ଦ୍ୱାରା ପାଣି ଛଡ଼ାଯାଏ। ବର୍ତ୍ତମାନ ଜଳପତ୍ତନ ମାତ୍ର ୬୨୭.୮୮ ରହିଛି। ଜଳପତ୍ତନ ସର୍ବନିମ୍ନ ସ୍ତର ୬୨୫ମିଟର। ଏହି ସମୟରେ ବିଦ୍ୟୁତ ଶକ୍ତି ଉତ୍ପାଦନ ୧୦୦ମେଗାୱାଟ ରହିଛି। ଓଏଚପିସି ପକ୍ଷରୁ କୁହାଯାଇଛି ଯେ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ନ ହେଲେ ପାୱାର ଜେନେରେସନ ପ୍ରଭାବିତ ହେବ। ବର୍ତ୍ତମାନ ୬୦୦ ମେଗାୱାଟ ସ୍ଥଳେ ମାତ୍ର ୯୮.୦୬ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି। ଜଳଭଣ୍ଡାର ଇନ୍‌ଟେକ୍ ୱେଲ ନିକଟରେ ପଟୁ ମାଟି ଜମା ହେବାର ପ୍ରମୁଖ କାରଣ କଣ ସେ ଦିଗରେ ବିଭାଗୀୟ ଅଧିକାରୀ ଅଧିକ ଧ୍ୟାନ ଦେବାର ସମୟ ଆସିଛି। ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉଚିତ ରକ୍ଷଣାବେକ୍ଷଣ ଓ ମରାମତି କଲେ ଜଳଧାରଣ କ୍ଷମତା ବଢ଼ିବା ନିଶ୍ଚିତ।

### ଜଳପତ୍ତନ ହ୍ରାସକୁ ନେଇ ଆଶଙ୍କାରେ ଚାଷୀ

ଇନ୍ଦ୍ରାବତୀ ନଦୀ ଅବବାହିକରେ ଜଙ୍ଗଲ ନଷ୍ଟ ହେବା ସହ ମୃତ୍ତିକା ଅବକ୍ଷୟ ହେତୁ ଜଳଭଣ୍ଡାର ଧୀରେ ଧୀରେ ପୋତି ହେଉଛି। ଅଭିଯୋଗ ଅନୁସାରେ ଇନ୍ଦ୍ରାବତୀ ଅନେକ ନଦୀ ନଦୀ, ଶତାଧିକ ନାଳ, ଝରଣା ତଥା ଜଳ ଭଣ୍ଡାରରେ ବୁଡି ଥିବା ଅନେକ ଛୋଟ ଛୋଟ ପାହାଡ଼ ରହିଛି। ତେବେ ଏହି ନଦୀ, ନାଳ, ଝରଣା ଅବବାହିକାରେ ଜଙ୍ଗଲ ବିଭାଗ ପକ୍ଷରୁ ବୃକ୍ଷରୋପଣ ହେବା ସହ ପାହାଡ଼ ଚତୁପାର୍ଶ୍ୱରେ ପଥର ପ୍ୟାକିଂ କାର୍ଯ୍ୟକୁ କଡାକଡି କରାଯିବା ଉଚିତ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପାହାଡ଼ ଗୁଡିକ ପାଣିର ପ୍ରଖର ସ୍ରୋତର ଲହଡ଼ିରେ କ୍ଷୟ ହୋଇ ଜଳ ଭଣ୍ଡାରରେ ଲୀନ ହେଉଥିବା ଜଣାପଡ଼ିଛି। ବୃକ୍ଷରୋପଣରେ ଅନିୟମିତତା ଓ ପାହାଡ଼ ଗୁଡିକର ସୁରକ୍ଷା ବାଡ଼ର ଅଭାବ ଯୋଗୁଁ ବର୍ଷା ପାଣିରେ ପଙ୍କ ଇନ୍‌ଟେକ ୱେଲ ମୁହାଁ ହେଉଛି। ବର୍ତ୍ତମାନ ଜଳଭଣ୍ଡାରର ସୁରକ୍ଷା ବ୍ୟବସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏସବୁ ସତ୍ତ୍ୱେ ପ୍ରତିଥର ଇନ୍ଦ୍ରାବତୀ କେନାଲ ଭାଙ୍ଗିବା ଅଧିକ ଉଦବେଗଜନକ ସ୍ଥିତି ସୃଷ୍ଟି କରୁଛି। ଇନ୍ଦ୍ରାବତୀ କୋଟି କୋଟି ଟଙ୍କାର ପ୍ରକଳ୍ପ ଆଉ ଦେଶ ତଥା ଦେଶ ବାହାର ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ନିର୍ମାଣ ହୋଇ ଆଜି ଚାଷୀ ମୁହଁରେ ହସ ଫୁଟାଇଛି। ଏହି ଜଳଭଣ୍ଡାର ପରିଚାଳନା ଦାୟିତ୍ୱରେ ଖଡିଗୁଡା ଇନ୍ଦ୍ରାବତୀ ପ୍ରକଳ୍ପ ଡିଭିଜନ ରହିଛି। ବିଗତ ବର୍ଷ ମାନଙ୍କରେ



ମଧ୍ୟ ବୁଡାଳିଙ୍କୁ ନେଇ ପଙ୍କ ଉଦ୍ଧାର କରାଯାଇଥିଲା। ବର୍ଷା ହେଲେ ଜଳସ୍ତର ବୃଦ୍ଧିପାଇବ କିନ୍ତୁ ଜଳଧାରଣ କ୍ଷମତା ବୃଦ୍ଧି ପ୍ରତି ସେହି ସମାନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ଦକ୍ଷିଣ ମୁଖ୍ୟ କେନାଲରେ ଲାଇନିଂ ଓ ପୁନଃରୁଦ୍ଧାର କାର୍ଯ୍ୟ କରାଯିବା ସହିତ ଇନ୍ଦ୍ରାବତୀ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ହେବା ଫଳରେ ଅଣ ଜଳସେଚିତ ଅଞ୍ଚଳ ଓ ଆଦୌ ପାଣି ମାଡୁ ନ ଥିବା ଜମିରେ ପାଣି ପହଁଞ୍ଚି ପାରିଛି ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ମୋଟାମୋଟି ଭାବେ ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ଜରିଆରେ ୧୧୮୯୯୨ ହେକ୍ଟର ଜମିକୁ ଜଳ ଯୋଗାଇବାରେ ସମର୍ଥ ହୋଇଛି। ଓଡ଼ିଶାକୁ ମୌସୁମୀ ଛୁଇଁଛି ଏବଂ ମାଲକାନଗିରି ଜିଲ୍ଲାରେ ବର୍ଷାର ଆଭାସ ମିଳିଛି। କିନ୍ତୁ ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଇଁ କଳାହାଣ୍ଡିରେ ବର୍ଷା କେତେ ସହାୟକ ହେଉଛି ତାହା ଦେଖିବା କଥା। ନଚେତ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଓ ଜମିକୁ ଜଳସେଚନ ବ୍ୟବସ୍ଥା ବିଗିଡିବା ସୁନିଶ୍ଚିତ ବୋଲି ଏବେଠାରୁ ଆକଳନ କରାଯିବା ସ୍ୱାଭାବିକ।







# ସମୃଦ୍ଧ ଭିତ୍ତିଭୂମି ପାଇଁ ସେଲ୍-ଆର୍ଏସ୍ପି ପାଇପ୍ର ଚାହିଦା





**ରାଉରକେଲା, ୮।୬(ସମିସ)**

ଇଲେକ୍ଟ୍ରିକ୍ ରେଜିଷ୍ଟାଣ୍ଟ ୱେଲଡେଡ୍ (ଇଆରଡବ୍ଲୁ) ପାଇପ୍ ଏବଂ ସ୍ପାଇରାଲ୍ ୱେଲଡେଡ୍ (ଏସଡବ୍ଲୁ) ପାଇପ୍ ଉତ୍ପାଦନ ତଥା ଯୋଗାଣ ମାଧ୍ୟମରେ ଦେଶର ଭିତ୍ତିଭୂମି ବିକାଶରେ ସେଲ୍ର, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଉଲ୍ଲେଖନୀୟ ଅବଦାନ ଦେଉଛି। ଏହି ଉଚ୍ଚ-ଗୁଣାତ୍ମକ ପାଇପ୍ ଗୁଡିକ ଅନେକ ରାଜ୍ୟ ତଥା ଜାତୀୟ ପ୍ରକଳ୍ପରେ ପ୍ରମୁଖ ଭୂମିକା ଗ୍ରହଣ କରି ଭାରତର ଭିତ୍ତିଭୂମିର ଅଭିବୃଦ୍ଧି ଏବଂ ଆଧୁନିକୀକରଣକୁ ତ୍ୱରାନ୍ୱିତ କରିଛି। ଗତ ଆର୍ଥିକ ବର୍ଷରେ ଆରଏସପିର ଏହି କ୍ଷେତ୍ରରେ ଯୋଗଦାନ ଉଲ୍ଲେଖନୀୟ ରହିଛି। ଏନଟିପିସିର ବିଭିନ୍ନ ତାପଜ କେନ୍ଦ୍ରଗୁଡିକରେ ୩୭ ଟନରୁ ଅଧିକ ଓଜନ ବିଶିଷ୍ଟ ୪୧୦୦୦ରୁ ଅଧିକ ଇଆରଡବ୍ଲୁ ପାଇପ୍ ବ୍ୟବହାର କରାଯାଇଛି। ଏହି ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକ ମଧ୍ୟରେ ଓଡ଼ିଶାର ତାଳଚେର ଏବଂ ଦର୍ଲିପାଲି, ଆନ୍ଧ୍ରପ୍ରଦେଶର ରାମାଗୁଡମ୍, ପଶ୍ଚିମବଙ୍ଗର ଫରାକ୍କା, ମଧ୍ୟପ୍ରଦେଶର ସିଙ୍ଗ୍ରଉଲି, ଝାଡ଼ଖଣ୍ଡର କାହଲଗାଓଁ ଏବଂ ବିହାରର ବାଢ଼ ଅନ୍ତର୍ଭୁକ୍ତ। ଏଥିସହ ମଧ୍ୟପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଭଳି ରାଜ୍ୟରେ ଏହି ପାଇପଗୁଡ଼ିକ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପରେ ସହଯୋଗ ଦେଇଛି। ମେସର୍ସ ଏଲ୍ ଆଣ୍ଡ ଟି, ମେସର୍ସ ମେଗା ପ୍ରୋଜେକ୍ଟ, ମେସର୍ସ ଭୂଷଣ ଟ୍ୟୁବ୍, ମେସର୍ସ କେଆରଏଏମ ଇନଫ୍ରା, ଏବଂ କେଏମସି ଭଳି ଖ୍ୟାତିସମ୍ପନ୍ନ କମ୍ପାନୀଗୁଡ଼ିକ ଏହି ପାଇପଗୁଡ଼ିକୁ ଓଡ଼ିଶା, କର୍ଣ୍ଣାଟକ, ମେଘାଳୟ ଏବଂ ପଶ୍ଚିମବଙ୍ଗର ବିଭିନ୍ନ ପ୍ରକଳ୍ପରେ ବ୍ୟବହାର କରିଛନ୍ତି। ଅଧିକନ୍ତୁ, ରାଜସ୍ଥାନ ରାଜ୍ୟ ବିଦ୍ୟୁତ୍ ପ୍ରସାରଣ ନିଗମ, ଉତ୍ତରପ୍ରଦେଶ ରାଜ୍ୟ ବିଦ୍ୟୁତ ଉତ୍ପାଦନ ନିଗମ ଏବଂ ନେଭେଲି ଲିଗ୍ନାଇଟ୍ କର୍ପୋରେସନ୍ ଇଣ୍ଡିଆ ଲିମିଟେଡ୍ ମଧ୍ୟ ଆରଏସପିର ପାଇପ୍ ଦ୍ୱାରା ଉପକୃତ ହୋଇଛନ୍ତି।



୨୦୨୩-୨୪ ଏଆରଟିଏଚଆଇକେ ବର୍ଷରେ ଜାତୀୟ ଜଳ ଏବଂ ସହରାଞ୍ଚଳ ବିକାଶମୂଳକ କାର୍ଯ୍ୟରେ ଆରଏସପି ଯୋଗାଇ ଦେଇଥିବା ୨୭୦୦୦ ଟନର ୧୮୫୦୦ ସ୍ପାଇରାଲ୍ ୱେଲଡେଡ୍ ପାଇପ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଭାରତ ସରକାରଙ୍କ ନେତୃତ୍ୱରେ ଜଳ ଜୀବନ ମିଶନ୍ ଏବଂ ଅଟଳ ମିଶନ୍ ଫର୍ ରିଜୁଭେନେସନ୍ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେସନ୍ ପାଇଁ ଏହି ପାଇପ ଗୁଡିକ ଅବିଚ୍ଛେଦ୍ୟ ରହିଆସିଛନ୍ତି। ଏହି ପାଇପଗୁଡ଼ିକ ଓଡ଼ିଶାର ଖୋର୍ଦ୍ଧା, ମାଲକାନଗିରି, କେଉଁଝର, ସୋନପୁର ଏବଂ କଟକ ଠାରେ ଟ୍ୟାପ୍ ଜଳ ଯୋଗାଣ ଏବଂ ବୋରୱେଲ ମାଧ୍ୟମରେ ସୁରକ୍ଷିତ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିଛି। ଏଥିସହ ଉତ୍ତରପ୍ରଦେଶ ଏବଂ ଓଡ଼ିଶାରେ ଜଳସେଚନ ପ୍ରକଳ୍ପରେ ଆରଏସପିର ପାଇପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆରଏସପିର ପାଇପଗୁଡ଼ିକର ଅନ୍ୟ ଏକ ଉଲ୍ଲେଖନୀୟ ପ୍ରୟୋଗ ପ୍ରଦର୍ଶିତ ହୋଇଛି ହରିୟାଣାର ରାଜୀବ ଗାନ୍ଧୀ ଥର୍ମାଲ ପାୱାର ପ୍ଲାଣ୍ଟରେ, ଯେଉଁଠାରେ ପାଇପଗୁଡିକର ବହୁମୁଖୀତା ଏବଂ ବିଶ୍ୱସନୀୟତା ନିଦର୍ଶିତ ହେଉଛି। ଅନ୍ୟତମ ପ୍ରମୁଖ ଗ୍ରାହକ ଏନଟିପିସି ମହାନାଦୀ କୋଇଲା କ୍ଷେତ୍ରର ଓପେନ କାଷ୍ଟ ଖଣି ଭରିବା ପାଇଁ ଫ୍ଲାଏ ଆସ୍ ର ଭୂତଳ ପରିବହନ ପାଇଁ ତାଳଚେରରେ ୭୬୨ ମିଲିମିଟର ବାହ୍ୟ ବ୍ୟାସର ୨୭ କିଲୋମିଟର ସିଙ୍ଗଲ୍ ଲେୟାର୍ ଫ୍ୟୁଜନ୍ ବଣ୍ଡେଡ୍ ଏପୋକ୍ସି କୋଟେଡ୍ ପାଇପ୍ ବ୍ୟବହାର କରିଛି।

ସେହିଭଳି ଆନ୍ଧ୍ରପ୍ରଦେଶର ସିମାଦ୍ରିରେ ୨ କିଲୋମିଟର ୨୮ ଇଞ୍ଚ୍ ପାଇପ୍ ବ୍ୟବହାର କରାଯାଇଛି ଯାହା ପରିବେଶ ପରିଚାଳନା ଏବଂ ସମ୍ବଳ ଶ୍ରେଷ୍ଠ ଉପଯୋଗରେ ପାଇପଗୁଡିକର ଉପଯୋଗିତା ପ୍ରଦର୍ଶନ କରୁଛି। ସେଲର ଅନ୍ୟ ୟୁନିଟ୍ ଗୁଡିକୁ ସହଯୋଗର ହାତ ବଢ଼ାଇବା ଏବଂ ଦେଶର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେଲର ଅନ୍ୟତମ ୟୁନିଟ ବୋକାରୋ ଇସ୍ପାତ କାରଖାନା ପାଇଁ ଆରଏସପି ୮୧୨-ଇଞ୍ଚ ବାହ୍ୟ ବ୍ୟାସର ତିନି ସ୍ତରୀୟ ପଲିଥିନ-ଆବୃତ ପାଇପ୍ ଯୋଗାଇଦେଇଛି। ଏହି ବ୍ୟାପକ ଅବଦାନ ମାଧ୍ୟମରେ ଆରଏସପି ସାରା ଦେଶରେ ଭିତ୍ତିଭୂମି ଢାଞ୍ଚାକୁ ମଜଭୁତ କରିବା ଏବଂ ନିରନ୍ତର ବିକାଶରେ ଯୋଗଦାନ ଦେଇ ରାଷ୍ଟ୍ରନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସୂଚନା ରହିଛି।

## ଫାଶୀ ଦେଇ ମହିଳାଙ୍କ ଆତ୍ମହତ୍ୟା

**ରାଉରକେଲା, ୮।୬(ସମିସ):** ଫାଶୀ ଦେଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ପ୍ଲାଣ୍ଟସାଇଟ୍ ଥାନା ଅଧୀନସ୍ଥ ଗୋପବନ୍ଧୁପାଲି ଫାଣ୍ଡିରେ ଅଭିଯୋଗ ହୋଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ମଧୁସୂଦନପାଲି ବସ୍ତିରେ ମିଥିଲେଶ ମାଳି ପରିବାର ରୁହନ୍ତି। ଘରେ କେହି ନଥିବାର ସୁଯୋଗ ନେଇ ସ୍ତ୍ରୀ ସନା ଦେବୀ(୨୮) ପଙ୍ଖାରେ ଫାଶୀ ଦେଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟା ପଛର କାରଣ ଅସ୍ପଷ୍ଟ ରହିଛି।

## ଚାକିରି ଦେବା ନାଁରେ ୪.୩୮ ଲକ୍ଷ ଟଙ୍କା ଠକେଇ

**ସୁନ୍ଦରଗଡ଼, ୮।୬(ସମିସ):** ବଡଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମର ୨୦ ଜଣ ବେକାର ଯୁବକ ଯୁବତୀଙ୍କୁ ଚାକିରୀ ଯୋଗାଇ ଦେବା ନାଁରେ ୪.୩୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଛି। ପ୍ରାୟ ୨ ବର୍ଷ ତଳେ ଶଙ୍କରାପୋଷ ଗ୍ରାମର ବୈରାଗୀ ପୋଢ ପାମରା ଗ୍ରାମର ମନୋଜ କୁମାର ଧରେଇଙ୍କ ସମେତ ୨୦ ଜଣଙ୍କ ଠାରୁ ଟଙ୍କା ଠକି ନେଇଥିଲେ। ବୈରାଗୀ ଉଭୟ ଅନଲାଇନ ଓ ନଗଦ ମାଧ୍ୟମରେ ଉକ୍ତ ଟଙ୍କା ଗ୍ରହଣ କରିଥିଲେ। ତେବେ ଚାକିରି ନ ମିଳିବାରୁ ସେମାନେ ତାଙ୍କୁ ଟଙ୍କା ଫେରାଇବାକୁ କହି ଆସୁଥିଲେ ହେଁ ସେ ତାଙ୍କ କଥା ଶୁଣି ନ ଥିଲେ। ପରିଶେଷରେ ସେମାନେ ଆଜି ଅପରାହ୍ନରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।

# ସେଲ୍-ଆର୍ଏସ୍ପିର ସିପିପି-୧ ସହବନ୍ଧିତ ଠିକା ଶ୍ରମିକଙ୍କୁ ଆର୍ପିଏଲ୍ ପ୍ରମାଣପତ୍ର



**ରାଉରକେଲା, ୮।୬(ସମିସ):** ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ର, ବିଭିନ୍ନ ବିଭାଗରେ ସମ୍ପର୍କ କାର୍ଯ୍ୟକ୍ରମ ପରିଚାଳନା କରୁଛି; ଯେଉଁଠାରେ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଠିକା ଶ୍ରମିକମାନଙ୍କୁ ଆରପିଏଲ୍ ପ୍ରମାଣପତ୍ର ହସ୍ତାନ୍ତର କରାଯାଉଛି। କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ଉନ୍ନତି ପାଇଁ ବିଭାଗୀୟ ସଂଯୋଗକୁ ମଜବୁତ କରିବାକୁ ଏହି ପଦକ୍ଷେପ ଲକ୍ଷ୍ୟ ରଖିଛି। ସିପିପି-୧ ବିଭାଗରେ ଜୁନ ୫ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିପିପି-୧ ବିଭାଗର ଜିଏମ୍ ଇନ ଚାର୍ଜ କେ ଏସ ଭିର୍ଡି ଅଧ୍ୟକ୍ଷତା କରି ବିଭାଗ ସହିତ ସହବନ୍ଧିତ ୩୨ ଜଣ ଠିକା ଶ୍ରମିକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଚଆରଡି ବିଭାଗର ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା, ଏଲ ମାରାଣ୍ଡି, ମ୍ୟାନେଜର ବିନୀତା ତିର୍କୀଙ୍କୁ ନେଇ ଏଚଆରଡି ବିଭାଗୀୟ ଦଳ ଏଚଆରଡି ବିଭାଗର ଜିଏମ ଏଚ୍ ଏନ ପତିଙ୍କ ନେତୃତ୍ୱରେ ମାନବ ସମ୍ବଳ- ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରର ସିଜିଏମ ରାଜଶ୍ରୀ ବାନାର୍ଜୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱିତ କରୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଏହି ସମସ୍ତ ଠିକାଶ୍ରମିକମାନେ ଡୋମେନ୍ କୌଶଳ ସହିତ ସୂକ୍ଷ୍ମ କୌଶଳ ଉପରେ ତାଲିମ ପ୍ରାପ୍ତ ହୋଇଛନ୍ତି। ପାଠ୍ୟକ୍ରମ ସମୟରେ ସେମାନଙ୍କୁ ଉଦ୍ୟୋଗୀ ଟିପ୍ସ ପ୍ରଦାନ କରାଯାଇଥିଲା। ମୂଲ୍ୟାଙ୍କନ ପରେ ସେମାନେ ସମସ୍ତେ ସାର୍ଟିଫିକେଟ୍ ଲାଭ କରିଛନ୍ତି। ଦେଶର ବିଦ୍ୟମାନ ଶ୍ରମ ଦକ୍ଷତାକୁ ମାନକ ଜାତୀୟ ଦକ୍ଷତା ଯୋଗ୍ୟତା ଢାଞ୍ଚା ଅନୁରୂପ ଗଢିବା ଏହି ସାର୍ଟିଫିକେସନର ମୂଳ ଉଦ୍ଦେଶ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ଏଲ ଆଣ୍ଡ ଡି ବିଭାଗର ବିଭିନ୍ନ କାର୍ଯ୍ୟଧାରା ଗୁଡିକ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବା ସହିତ ଟ୍ରେନିଂ ଆବଶ୍ୟକତା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

### ଆର୍ଏସ୍ପିର ସ୍ୱୀକୃତିପ୍ରାପ୍ତ ନିର୍ବାଚନ ପ୍ରସଙ୍ଗ ଜୋର୍ ଧରିଲା

# ୩୯ ମାସର ଏରିଅର ପ୍ରଦାନ ସହ ଏନ୍ଜେସିଏସ୍ ଚୁକ୍ତିନାମା କରାଯିବାକୁ ଦାବି

**ରାଉରକେଲା, ୮।୬(ସମିସ):** ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ପାଦକମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇ ତୁରନ୍ତ ଆର୍ଏସ୍ପି ସ୍ୱୀକୃତିପ୍ରାପ୍ତ ନିର୍ବାଚନ ପାଇଁ ଦାବି କରାଯାଇଛି। ଏହା ପୂର୍ବରୁ ଶ୍ରମ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଆଧାରରେ ସିଆଇଟିୟୁ ତରଫରୁ ନିର୍ବାଚନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି। ଦୀର୍ଘ ୭ ବର୍ଷ ପରେ ମଧ୍ୟ ଏନଜେସିଏସ ଚୁକ୍ତିନାମା ହେଇପାରି ନଥିବାରୁ ଉଦବେଗ ପ୍ରକାଶ ପାଇଛି। ମୌଳିକ ଅଧିକାର ବେସିକ ଓ ଡିଏ ୩୯ ମାସର ଏରିଅର ସେଲ କର୍ତ୍ତୃପକ୍ଷ ନ ଦେଇ ସଂଖ୍ୟାଧିକ ଆଳରେ ଶ୍ରମିକ ବିରୋଧୀ ବୋନସ ଚୁକ୍ତିନାମା ଏବଂ ଗତ ୩୦ ତାରିଖରେ ସିଆଇଟିୟୁର ବିରୋଧ ସତ୍ତ୍ୱେ ୨୩୦ ଟଙ୍କା ଦେବା କଥା କହି ୧୮୦ ଟଙ୍କା, ରାତ୍ରିକାଳୀନ ଭତ୍ତା ଜୁନଠାରୁ ଦେବା ଓ ବାୟୋମେଟ୍ରିକ୍ ଆଟେଣ୍ଡାନ୍ସକୁ କାର୍ଯ୍ୟକାରୀ କରାଯାଇଛି। ୩୯ ମାସରେ ଏରିଅର ପ୍ରସଙ୍ଗକୁ ଏଡାଇ ଦିଆଗଲା। ସିଆଇଟିୟୁ ଓ ଏଆଇଟିୟୁସିର ବିରୋଧ ସତ୍ତ୍ୱେ ବିଏମଏସ ସହାୟତାରେ ଆଇଏନଟିୟୁସି ଓ ଏଚଏମଏସ ନେତୃତ୍ୱ ସ୍ୱାକ୍ଷର ନେଇ ସେଲ କର୍ତ୍ତୃପକ୍ଷ ଏନଜେସିଏସର ସହମତିକୁ ଭାଙ୍ଗିବା ପ୍ରଚେଷ୍ଟା କରୁଛନ୍ତି। ଗତ ଜାନୁଆରୀରେ ୨ଦିନର ଧର୍ମଘଟର ଆହ୍ୱାନ ପରେ କେନ୍ଦ୍ର ଶ୍ରମ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ସେଲ କର୍ତ୍ତୃପକ୍ଷ ଏନଜେସିଏସ ୟୁନିୟନ ମାନଙ୍କ ସହ ୭୫ ଦିନ ମଧ୍ୟରେ ସମସ୍ତ ବାକି ପଦ ପୂରଣ ଆଶ୍ୱାସନା ଦିଆଯାଇଥିଲା। ଠିକା ଶ୍ରମିକଙ୍କ ମୂଳ ଦରମାରେ ବୃଦ୍ଧି ନକରି, ଭତ୍ତା ଉପର ବୃଦ୍ଧି, ରାତ୍ରିକାଳୀନ ଭତ୍ତା ଆରଆଇଏଫଡି ସର୍ତ୍ତରେ ୧୮୦ ଟଙ୍କା ବୃଦ୍ଧି କରାଯାଇ ମୂଳ ଦାବୀ ୩୯ ମାସର ଏରିଅରକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଉଛି। ୨୦୧୪ ପରେ ନିଯୁକ୍ତି ପାଇଥିବା ଯୁବଶ୍ରମିକଙ୍କୁ ଘର ପାଇଁ ଭତ୍ତା ପ୍ରତ୍ୟାହାର କରି ଏବେ ରହୁଥିବା ଘର ଉପରେ ସ୍କୋୟାର ଫୁଟ୍ ୨ ଟଙ୍କା ବୃଦ୍ଧି ପ୍ରସ୍ତାବ, ଏସ-୧୨ ଗ୍ରେଡ୍ କୁ କାର୍ଯ୍ୟକାରୀ ନ କରାଯାଇ ଶ୍ରମିକଙ୍କୁ ପ୍ରତାରଣା କରାଯାଉଛି। ସର୍ବୋପରି ଆଇଜିଏଚ୍ ର ଚିକିତ୍ସା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଘରୋଇକରଣ କରାଯାଉଛି। ଏନଜେସିଏସ ଚୁକ୍ତିନାମା ଇତିହାସରେ କେନ୍ଦ୍ର ଶ୍ରମ ନିର୍ଦ୍ଦେଶକ ପ୍ରଥମ ଥର ହସ୍ତକ୍ଷେପ କରିଛନ୍ତି। ତୁରନ୍ତ ୩୯ ମାସର ଏରିଅର ଦିଆଯିବାକୁ ଦାବି କରାଯାଇଛି। କାରକାନା ସ୍ତରରେ ନେତୃତ୍ୱ ଏବଂ ଶ୍ରମିକ ମିଳିତ ଆନ୍ଦୋଳନ କଲେ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ଶ୍ରମିକ ସ୍ୱାର୍ଥକୁ ପ୍ରାଧାନ୍ୟ ନଦେବା ଶ୍ରମିକଙ୍କୁ ହତାଶ୍ କରୁଛି। ସାଧାରଣ ସମ୍ପାଦକ ବସନ୍ତ ନାୟକ ସ୍ଥାନୀୟ ସ୍ତରରେ ସ୍ୱାସ୍ଥ୍ୟ ସୁରକ୍ଷା ଓ ସହର ସେବାରେ ଅବହେଳା ପାଇଁ ଆନ୍ଦୋଳନ ପାଇଁ ଇସ୍ପାତ ଶ୍ରମିକ ଏକ ହେବାପାଇଁ ଆହ୍ୱାନ କରିଥିଲେ। ସିଆଇଟିୟୁର ନିଜସ୍ୱ ଆନ୍ଦୋଳନ ସହ ମିଳିତ ଆନ୍ଦୋଳନ ପାଇଁ ଏସଡବ୍ଲ୍ୟୁଏଫଆଇ ତରଫରୁ ଇସ୍ପାତ ଉଦ୍ୟୋଗରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର କରାଯାଇଛି। ଏହି ବୈଠକରେ ପ୍ରଦୀପ ସେଠୀ, ରତ୍ନାକର ନାୟକ, ଏନ୍.ଏନ୍. ପାଣିଗ୍ରାହୀ, ଜୀବନ ବାରିଆ, ଜଜ୍ଞେଶ୍ୱର ସାହୁ, ଜେ.କେ. ସାହୁ, ସଞ୍ଜୟ ନାୟକ, ପ୍ରଦୋଷ ପରିଡ଼ା, ସଂଗ୍ରାମ ସାମଲ, ଶିବରାମ ବେହେରା, ଏସ.କେ. ବାରିକ, ତ୍ରିଲୋଚନ ପାତ୍ର, ଡି. କିଶାନ, ପିତାମ୍ବର ବେହେରା, ଅକ୍ଷୟ ରାଉତ, ପି.କେ. ଷଡଙ୍ଗୀ, ପର୍ଶୁରାମ ଜେନା ଆଲୋଚନା କରିଥିଲେ।

# ଖରିଫ୍ ଋଣ ପାଇଁ ନୂତନ ଲ୍ୟାମ୍ପସ ଅଞ୍ଚଳର ଚାଷୀ ହନ୍ତସନ୍ତ

**ସୁନ୍ଦରଗଡ଼, ୮।୬(ସମିସ):** ଇତିମଧ୍ୟରେ ନୂତନ ଲ୍ୟାମ୍ପସ ମାନ ଗଠିତ ହୋଇଛି। ଉକ୍ତ ନୂତନ ଲ୍ୟାମ୍ପସ ଅଞ୍ଚଳର ଚାଷୀଙ୍କୁ ତାଙ୍କ ପୁରୁଣା ଲ୍ୟାମ୍ପସ ଆଉ ଖରିଫ ଚାଷ ଋଣ ପ୍ରଦାନ କରୁ ନାହିଁ। ନୂତନ ଲ୍ୟାମ୍ପସ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ନୂତନ ଲ୍ୟାମ୍ପସର ଅସ୍ଥାୟୀ କାର୍ଯ୍ୟାଳୟଗୁଡିକରେ ତାଲା ଝୁଲୁଛି। ଫଳରେ ଚାଷୀ ଖରିଫ ଋଣ ପାଇଁ ହନ୍ତସନ୍ତ ହେବାରେ ଲାଗିଛନ୍ତି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲାରେ।

ସୁନ୍ଦରଗଡ଼ ଜିଲ୍ଲାରେ ୧୦୨ଟି ନୂତନ ଲ୍ୟାମ୍ପସ ଗଠିତ ହୋଇଛି। ତେବେ ବର୍ଷାଧିକ କାଳ ପରେ ବି ସମ୍ପୃକ୍ତ ଲ୍ୟାମ୍ପସଗୁଡିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନାହିଁ। ଉକ୍ତ ନୂତନ ଲ୍ୟାମ୍ପସଗୁଡିକରେ କେବଳ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲା ଯାଇଛି ସତ, ମାତ୍ର ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ନା ଅଛନ୍ତି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ, ନା ଅଛନ୍ତି ଅନ୍ୟ କର୍ମଚାରୀ। ଏହି ନୂତନ ଲ୍ୟାମ୍ପସଗୁଡିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଚାଷୀଙ୍କୁ ନିଜ ପୁରୁଣା ଲ୍ୟାମ୍ପସରୁ ଗତ ରବି ଋଣ ପ୍ରଦାନ କରାଯାଇଥିଲା। ତେବେ ଏଥର ନିଜ ପୁରୁଣା ଲ୍ୟାମ୍ପସରୁ ଆଉ ଖରିଫ ଋଣ ପ୍ରଦାନ କରାଯାଉ ନାହିଁ। ସେହିପରି ଋଣୀ ଚାଷୀଙ୍କ କିସାନ କ୍ରେଡିଟ କାର୍ଡ, ଋଣ ମଞ୍ଜୁରୀ ସୀମା ଆଉ କାମ ଦେଉନି। ନୂତନ ଲ୍ୟାମ୍ପସର ସଭ୍ୟ ହୋଇ ନୂତନ କିସାନ କ୍ରେଡିଟ କାର୍ଡ ପାଇଁ ଆବେଦନ, ଋଣ ମଞ୍ଜୁରୀ ସୀମା ଆଦି ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ନୂତନ ଲ୍ୟାମ୍ପସରେ ହେବା ପରେ ସେମାନେ ନୂତନ ଖରିଫ ଋଣ ପାଇ ପାରିବେ ବୋଲି ପୁରୁଣା ଲ୍ୟାମ୍ପସ କର୍ତ୍ତୃପକ୍ଷ କହୁଛନ୍ତି। ସେହିପରି ପୁରୁଣା ଲ୍ୟାମ୍ପସର ସମସ୍ତ ଋଣ ପରିଶୋଧ କରିବାକୁ ପରାମର୍ଶ ଦେଉଛନ୍ତି। ଫଳରେ ଚାଷୀଙ୍କ ବୁଦ୍ଧି ବଣା ହୋଇଯାଉଛି।

ସମ୍ପ୍ରତି ଖରିଫ ଚାଷ ଆରମ୍ଭ ହୋଇ ଯାଇଛି। ଚାଷୀଙ୍କୁ ଧାନ ବିହନ, ସାର, ଔଷଧ ଆଦିର ଆବଶ୍ୟକତା ରହିଛି। ଋଣ ଅଭାବରୁ ଏହିସବୁ ଖର୍ଚ୍ଚ ତୁଳାଇବା ତାଙ୍କ ପାଇଁ କାଠିକର ହୋଇ ପଡୁଥିବା ବେଳେ ନୂତନ ଲ୍ୟାମ୍ପସରୁ କୃଷି ଋଣ ଉଠାଇବା ପୂର୍ବରୁ ନିଜ ପୁରୁଣା ଲ୍ୟାମ୍ପସର କୃଷି ଋଣ ପରିଶୋଧ କରିବା ଅସମ୍ଭବ ହୋଇପଡୁଛି। ପୁରୁଣା ଲ୍ୟାମ୍ପସ ଗୁଡିକ ପେପର ଟ୍ରାନେଜସନ (ପିଟି) ମାଧ୍ୟମରେ ନବୀକରଣ କରାଯାଇ ଚାଷୀଙ୍କୁ ନୂତନ ଋଣ ପ୍ରଦାନ କରୁଥିବାରୁ ଏହା ଚାଷୀଙ୍କ ପାଇଁ ଆଶିର୍ବାଦ ହୋଇଥିଲା। ପୁରୁଣା ଲ୍ୟାମ୍ପସର ସମସ୍ତ ଋଣ ପରିଶୋଧ କରି ନୂତନ ଲ୍ୟାମ୍ପସରୁ ନୂତନ ଋଣ ଗ୍ରହଣ କରିବାରେ ପିଟି ବ୍ୟବସ୍ଥା ନ ଥିବାରୁ ଚାଷୀଙ୍କୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ନୂତନ ଲ୍ୟାମ୍ପସରୁ ଖରିଫ ଋଣ ପାଇ ପାରୁ ନ ଥିବା ବେଳେ ପୁରୁଣା ଲ୍ୟାମ୍ପସର କୃଷି ଋଣରେ ଖିଲାପୀ ହେଲେ ଦଣ୍ଡସୁଧର ଚିନ୍ତା ଘାରିଛି।

- ପୁରୁଣା ଲ୍ୟାମ୍ପସ ଦେଉନି ଋଣ
- ଜିଲ୍ଲାର ନୂତନ ଲ୍ୟାମ୍ପସ ହୋଇନି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ

### ମନ ଜିଣୁଛି ମାଟି ଫିଲ୍ଟର୍

# ରାଜସ୍ଥାନ ବ୍ୟବସାୟୀଙ୍କ ହୃଦୟସ୍ପର୍ଶୀ ହାତ କଳାକୃତି





**ରାଉରକେଲା, ୮।୬(ସମିସ)**

ପାଣି ବୋତଲଠୁ ଆରମ୍ଭ କରି ସୁରେଇ ଓ ମାଠିଆ ଆକୃତି ପାତ୍ର। କେବଳ ସେତିକି ନୁହେଁ, ପାଣି ଥଣ୍ଡା ରଖିବା ପାଇଁ ମାଟି ଫିଲଟର। ଏଭଳି ଖରା ଦିନରେ ଘରୁ ଆରମ୍ଭ କରି ଅଫିସ୍ ସବୁଠି ସୁହାଇଲା ଭଳି ମାଟି ସାମଗ୍ରୀ ଏବେ ବଜାରରେ ବିକ୍ରି ଜୋରରେ ଚାଲିଛି। ବିଶେଷକରି ଏଥିରେ ବିଭିନ୍ନ କଳାକୃତି ଏହାକୁ ଅଧିକ ଆକର୍ଷଣୀୟ କରୁଛି। ଖରା ଦିନ ଆରମ୍ଭ ହେଉଣୁ ସ୍ମାର୍ଟ ସିଟି ରାଉରକେଲାରେ ଏଭଳି କିଛି ଆକର୍ଷଣୀୟ ସାମଗ୍ରୀ ନେଇ ସହରମୁହାଁ ରାଜସ୍ଥାନ ବ୍ୟବସାୟୀ। ଶହ ଶହ ବ୍ୟବସାୟୀ ଏବେ ରାଉରକେଲାର ବିଭିନ୍ନ ସ୍ଥାନରେ ମାର୍ଚ୍ଚ ମାସରୁ ବ୍ୟବସାୟ କରି ଭଲ ରୋଜଗାର କରିବା ଆଶା ବାନ୍ଧି ବସିଛନ୍ତି।

ଗତ କିଛି ବର୍ଷ ହେବ ଖରା ଦିନ ଆସିବା ମାତ୍ରେ ରାଜସ୍ଥାନ ସମେତ ରାଜ୍ୟ ବାହାରୁ ବ୍ୟବସାୟୀ ମାନେ ରାଉରକେଲା ମୁହାଁ ହୋଇଥାନ୍ତି। ଖରାର ୩ରୁ ୪ମାସ ମାଟି ସାମଗ୍ରୀ ବିକ୍ରି କରି ଦୁଇ ପଇସା ରୋଜଗାର କରିଥାନ୍ତି। ଚଳିତ ବର୍ଷ ରାଉରକେଲାକୁ ରାଜ୍ୟ ବାହାରୁ ବ୍ୟବସାୟୀ ଆସିଛନ୍ତି। ଯେଉଁମାନେ ରାସ୍ତା କଡ଼ରେ ବିଭିନ୍ନ ପ୍ରକାରର ମାଟିରେ ପାଣି ରଖିବା ସାମଗ୍ରୀ ବିକ୍ରି କରୁଛନ୍ତି। ତେବେ ରାଜସ୍ଥାନର ସ୍ୱତନ୍ତ୍ର ଚିକିଟା ମାଟିରେ ଫିଲଟର, ସୁରେଇ, ମାଠିଆ, ପାଣି ବୋତଲ ଆଦି ବିକ୍ରି କରାଯାଉ ଥିବା ଦେଖିବାକୁ ମିଳିଛି। ଖାସ୍ କରି ଗତ କିଛି ବର୍ଷ ଲୋକଙ୍କ ମଧ୍ୟରେ ମାଟି ଫିଲଟର ଓ ପାଣି ବୋତଲର ଚାହିଦା ରହିଛି। କାରଣ ଏଥିରେ ଅନେକ ସମୟ ପର୍ଯ୍ୟନ୍ତ ପାଣି ଥଣ୍ଡା ରହୁଥିବା ବେଳେ ଏହା ଅନ୍ୟ ଫିଲଟର ଅପେକ୍ଷା ଆକର୍ଷଣ ସାଜୁଛି। ଏବେ ଏହାକୁ ଅଧିକ ଆକର୍ଷଣ କରିବା ପାଇଁ ବ୍ୟବସାୟୀଙ୍କ ଦ୍ୱାରା ଏହା ଉପରେ ରଙ୍ଗବେରଙ୍ଗ ଚିତ୍ର ଅଙ୍କାଯାଉଛି। ଯାହା ପୂର୍ବାପେକ୍ଷା ବେଶ୍ ଆକର୍ଷଣ ପାଲଟିଛି। ତେବେ ବିକ୍ରି ହେଉଥିବା ଫିଲଟରଗୁଡ଼ିକ ୧୦ ଲିଟରରୁ ଆରମ୍ଭ କରି ୧୫ ଲିଟର ପର୍ଯ୍ୟନ୍ତ ପାଣି ରଖିବାର କ୍ଷମତା ରହିଛି। ଯାହାର ମୂଲ୍ୟ ୩୫୦ ଟଙ୍କାରୁ ନେଇ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ଜଣାପଡ଼ିଛି।

ସେହିଭଳି ପାଣି ବୋତଲର ମୂଲ୍ୟ ୨୦୦ରୁ ଆରମ୍ଭ କରି ୩୦୦ ପର୍ଯ୍ୟନ୍ତ ରହିଛି। ଏହାବାଦ୍ କୋଲକାତାରୁ ମଧ୍ୟ ସ୍ୱତନ୍ତ୍ର ମାଟିରେ ପ୍ରସ୍ତୁତ ହୋଇ ଅନେକ ପ୍ରକାରର ମାଟି ସାମଗ୍ରୀ ରାଉରକେଲା ମାର୍କେଟକୁ ଆସିଛି। ଯାହା ସହରର ପାନପୋଷ, ଆମ୍ବାଗନ୍, ବିଶ୍ରା, ଟ୍ରାଫିକ ଗେଟ ସମେତ ବିଭିନ୍ନ ଅଞ୍ଚଳରେ ବିକ୍ରି ହେଉଥିବା ଜଣାପଡ଼ିଛି। ତେବେ ମାଟି ତିଆରି ସାମଗ୍ରୀ ଖରା ଦିନରେ ଲୋକଙ୍କ ମଧ୍ୟରେ ଆଦୃତ ହେଉଥିବା ଜଣାପଡ଼ିଛି।

ସକାଳ
THE SAKALA



**ପଲିଟେକ୍ନିକ ପ୍ରତିଷ୍ଠା**

# ଓଡ଼ିଶା ସରକାରଙ୍କ ସହ ଏନ୍‌ଟିପିସି ଦର୍ଲିପାଲିର ଚୁକ୍ତିନାମା




ସୁନ୍ଦରଗଡ଼, ୮।୬(ସମିସ)

ଏନଟିପିସି ଦର୍ଲିପାଲି ପକ୍ଷରୁ ପଲିଟେକ୍ନିକ୍ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମୁଖ୍ୟ ସଚିବଙ୍କ ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବିଭାଗୀୟ ମୁଖ୍ୟ ସଚିବ ଉଷା ପାଢ଼ୀ, ନିର୍ଦ୍ଦେଶକ ରେଘୁଜୀ, ଏନଟିପିସି ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ଏଚ.ଏନ ଚକ୍ରବର୍ତ୍ତୀ, ପୂର୍ବାଞ୍ଚଳ ମୁଖ୍ୟାଳୟର ସହକାରୀ ସାଧାରଣ ପରିଚାଳକ (ମାନବ ସମ୍ବଳ) ପ୍ରଭାତ ରାମ, ଏନଟିପିସି ଦର୍ଲିପାଲିର ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରତିଭା ସିଂଙ୍କ ସମେତ ରାଜ୍ୟ ସରକାର ଏବଂ ଏନଟିପିସିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଜାତୀୟ ଭବନରେ ଏନଟିପିସିର ଉଦ୍ୟମକୁ ପ୍ରଶଂସା କରିବା ସହ ଦର୍ଲିପାଲି ପରି ଏକ ଦୂର ସ୍ଥାନରେ ପଲିଟେକ୍ନିକ୍ ସ୍ଥାପନ କରିବା ଜନସାଧାରଣଙ୍କ ପାଇଁ ଏକ ବଡ଼ ସେବା ହେବ ବୋଲି ଉଲ୍ଲେଖ କରିଛନ୍ତି। ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏନଟିପିସି ଦ୍ୱାରା ଏହି ସରକାରୀ ପଲିଟେକ୍ନିକ୍ ପ୍ରତିଷ୍ଠା କରାଯାଉଛି।

ଏମଓୟୁର ନବୀକରଣ ସର୍ତ୍ତାବଳୀ ଅନୁଯାୟୀ, ଏହି ଅନୁଷ୍ଠାନ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ମାଇନିଂ ଇଞ୍ଜିନିୟରିଂ, ଆପ୍ଲାଏଡ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଷ୍ଟ୍ରୁମେସନ୍ ଏବଂ ମେକାଟ୍ରୋନିକ୍ସରେ ୪ଟି ଡିପ୍ଲୋମା ପାଠ୍ୟକ୍ରମ ରହିବ। ଏହି ପ୍ରତ୍ୟେକ ଷ୍ଟ୍ରିମରେ ୬୦ଟି ଲେଖାଏଁ ସିଟ ରହିଛି। ମୋଟ ଆଡମିଶନ ମଧ୍ୟରୁ ୩୦% ସିଟ୍ ଏନଟିପିସିର ଦର୍ଲିପାଲି ଏବଂ ଡୁଲଙ୍ଗା ପ୍ରକଳ୍ପ ପ୍ରଭାବିତଙ୍କ ପାଇଁ ସଂରକ୍ଷିତ ରହିବ। ଏନଟିପିସି ଦର୍ଲିପାଲି ପ୍ରକଳ୍ପ ମୁଖ୍ୟ ଶ୍ରୀ ଚକ୍ରବର୍ତ୍ତୀ ସମାଜ ତଥା ଏହାର ଆଖପାଖ ଗାଁର କଲ୍ୟାଣ ପାଇଁ ବିଶେଷକରି ଯୁବ ପିଢ଼ିଙ୍କ ବିକାଶ କ୍ଷେତ୍ରରେ ଏନଟିପିସି ସର୍ବଦା ପ୍ରତିବଦ୍ଧ ବୋଲି କହିଛନ୍ତି।

## ଗାଁ ରାସ୍ତାରେ ୭ ଫୁଟ ଉପରେ ଝୁଲୁଛି ଜୀବନ୍ତ ବିଦ୍ୟୁତ ତାର



**ସୁନ୍ଦରଗଡ଼, ୮।୬(ସମିସ):** ଟାଟା ପାଓାରର ଭେଡାବାହାଲ ସେକସନ ଅନ୍ତର୍ଗତ ଦେଉଳୀ ରଙ୍ଗାମଟିଆ ଗ୍ରାମ ରାସ୍ତାର ଏକ ସ୍ଥାନରେ ମାତ୍ର ୭ ଫୁଟ ଉପରେ ଜୀବନ୍ତ ବିଦ୍ୟୁତ ତାର

**● ଅଘଟଣ ଆଶଙ୍କା**

ଝୁଲୁଛି। ତଥାପି ଏହାକୁ ଠିକ କରା ଯାଉ ନ ଥିବାରୁ ଅଘଟଣର ଆଶଙ୍କା ରହିଛି। ବିଭାଗ ନୀରବଦ୍ରଷ୍ଟା ସାଜିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି। କିଛି ଦିନ ହେବ ଏହି ତାରଟି ଗ୍ରାମର ଦୀପକ ନାଏକଙ୍କ ଘର ନିକଟରୁ ସୀତାରାମ ନାଏକ ଏପରି ଝୁଲି ରହିଛି। ଏଣୁ ଗ୍ରାମବାସୀ ଏନେଇ ସ୍ଥାନୀୟ ଟାଟା ପାଓାର କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତଥାପି ଏହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରା ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କୌଣସି ଅଘଟଣା ଘଟିବା ପୂର୍ବରୁ ତୁରନ୍ତ ସଜଡା ଯିବାକୁ ଦାବି ହେଉଛି।

## ନବୀନଙ୍କୁ ଭେଟିଲେ ସୁନ୍ଦରଗଡ଼ ବିଧାୟକ ଯୋଗେଶ



**ସୁନ୍ଦରଗଡ଼, ୮।୬(ସମିସ):** ୨ ପାଳିର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ତୃତୀୟ ଥର ପାଇଁ ବିଜେଡି ଟିକେଟରେ ସୁନ୍ଦରଗଡ଼ ବିଧାୟକ ଭାବେ ନିର୍ବାଚିତ ହେବା ପରେ ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆଶୀର୍ବାଦ ଲୋଡ଼ିଛନ୍ତି। ଏହି ଅବସରରେ ନବୀନ ଯୋଗେଶଙ୍କୁ ସମର୍ପଣ ମନୋଭାବ ନେଇ ସଦାସର୍ବଦା ଲୋକଙ୍କ କାମ କରିବାକୁ ପରାମର୍ଶ ଦେଇଛନ୍ତି।

**● ଅଜଣା ଗାଡ଼ି ଧକ୍କାରେ ସାଇକଲ ଚାଳକଙ୍କ ମୃତ୍ୟୁ ମାମଲା**

## ମାମଲା ରୁଜୁ, ଶବ ବ୍ୟବଚ୍ଛେଦ

**ସୁନ୍ଦରଗଡ଼, ୮।୬(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ବଡଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଦେଓକରନପୁର ନିକଟରେ ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଘଟି ଯାଇଥିବା ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟଣାକୁ ନେଇ ଆଜି ଥାନାରେ ଏତଲା ହୋଇଛି। ମୃତକଙ୍କ ସମ୍ପର୍କୀୟ ସୁଷମା ହେମ୍ବ୍ରମଙ୍କ ଏତଲା କ୍ରମେ ଏ ନେଇ ପୁଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୁକ୍ରବାର ରାତିରେ ତିଲେଇ ମାଲ ଗ୍ରାମର ବିଜୟ ପ୍ରକାଶ ହେମ୍ବ୍ରମ (୨୮) ତାଙ୍କ ସାଇକଲେରେ ଯାଉଥିବା ବେଳେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଏଥିରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ମୃତକଙ୍କ ଶବ ଜବତ କରି ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମର୍ଗହାଉସରେ ସଂରକ୍ଷିତ ରଖାଇ ଥିଲା।

## କୁଚେଡେଗାରେ ପାଣିରେ ବୁଡ଼ି ଜଣେ ମୃତ

**ହେମଗିରି, ୮।୬(ସମିସ):** ହେମଗିରି ବ୍ଲକ ଅନ୍ତର୍ଗତ କୁଚେଡେଗା ଗ୍ରାମର ଅମିର ଲାଲ ଗୀଦିଲିଙ୍କ ପୁତ୍ର ରାଜକୁମାର (୪୮ ବର୍ଷ) ଗାଧୋଉଥିବା ବେଳେ ପାଣିରେ ବୁଡ଼ି ତାଙ୍କ ମୃତ୍ୟୁ ଘଟିଛି। ଗତ ଶୁକ୍ରବାର ସନ୍ଧ୍ୟାରେ ଶୌଚ ହେବାକୁ ଯାଇ ବନ୍ଧ ଘାଟରେ ପଡ଼ି ଯାଇଥିଲେ। ଘରକୁ ଫେରିବାରେ ଡେରି ହେବାର ଦେଖି ଖୋଜାଖୋଜି କରିବା ପରେ ପରିବାର ଲୋକେ ବନ୍ଧରେ ଭାସୁଥିବାର ଦେଖି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ଶନିବାର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମରଶରୀର ହସ୍ତାନ୍ତର କରିଛି।

## ଡ. ପତିତପାବନ ମଣ୍ଡଳଙ୍କ ବିୟୋଗରେ ଶୋକସଭା



**ରାଉରକେଲା, ୮।୬(ସମିସ):** ଅବସରପ୍ରାପ୍ତ ଅଧକ୍ଷ ଡ. ପତିତପାବନ ମଣ୍ଡଳଙ୍କ ବିୟୋଗରେ ମଧୁସୂଦନ ପାଠାଗର ଓ ଅବସରପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ଏକ ଶୋକସଭା ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧକ୍ଷ ଡ. ପ୍ରଦୀପ କୁମାର ନନ୍ଦଙ୍କ ଅଧକ୍ଷତାରେ ଡ.ମଣ୍ଡଳଙ୍କ ଆତ୍ମାର




ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ ସମୟରେ ଟିଟିଲାଗଡ଼ ମହାଦ୍ୟାଳୟ, ଡାଲମିଆ ମହାଦ୍ୟାଳୟରେ ପ୍ରାଧ୍ୟାପକ ଭାବେ ଏବଂ ଗାନ୍ଧୀ ମହାବିଦ୍ୟାଳୟ, ବେଦବ୍ୟାସ ମହାବିଦ୍ୟାଳୟ, ଇସ୍ପାତ ମହାବିଦ୍ୟାଳୟରେ ଅଧକ୍ଷ ଭାବେ କାର୍ଯ୍ୟ କରି ୨୦୦୦ ମସିହାରେ ହୀରାକୁଦ ମହାବିଦ୍ୟାଳୟରୁ ଅଧକ୍ଷ ଭାବେ ଅବସର ନେଇ ଛେଣ୍ଡସ୍ଥିତ ବାସଭବନରେ ଅବସ୍ଥାନ କରୁଥିଲେ। ଗୋପବନ୍ଧୁ ପାଠାଗାର, ସ୍ୱସ୍ତି ସାହିତ୍ୟ ସଂସଦ, ମଧୁସୂଦନ ପାଠାଗାର, ଇସ୍ପାତ ସାହିତ୍ୟ ସଂସଦ, ସିଂହଭୂମ ସାଂସ୍କୃତିକ ପରିଷଦର ତଥା ବିଭିନ୍ନ ସାମାଜିକ ସଂଗଠନର ସକ୍ରିୟ ସଭ୍ୟ ଭାବେ ସଂପୃକ୍ତ ଥିଲେ। ଛାତ୍ର ବତ୍ସଳ, ବନ୍ଧୁବତ୍ସଳ ସହ ଜଣେ ସୁବକ୍ତା ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ବିଜୟ ବରାଳ, ଅନୀଲ ଦାଶ, ନୃସିଂହ ବିଶ୍ୱାଳ, ପ୍ରାଧ୍ୟାପକ ଦେବପ୍ରସାଦ ମହାପାତ୍ର, ପ୍ରାଧ୍ୟାପକ ଅଜୟ କୁମାର ମିଶ୍ର ପ୍ରମୁଖ ଶୋକସଭାରେ ସ୍ମୃତିଚାରଣ କରିଥିଲେ। ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହେବା ସହ ସିଂହଭୂମ୍ ସାଂସ୍କୃତିକ ପରିଷଦର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଡକ୍ଟର ମଣ୍ଡଳଙ୍କୁ 'ସିଂହଭୂମ୍ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା ବୋଲି ଡ. ନନ୍ଦ ପ୍ରକାଶ କରିଥିଲେ। ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀ ପରିଚାଳନା କରିବା ସହ ଡ. ମଣ୍ଡଳଙ୍କ ଭାଷଣର ଶୈଳୀ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପ୍ରାଧ୍ୟାପକ ଅଭୟ କୁମାର ପ୍ରଧାନ, ଅଧ୍ୟାପକ ଅନନ୍ତ ପଟେଲ, ରବିନାରାୟଣ ସିଂ, ଯୋଗେଶ୍ୱର ପ୍ରଧାନ ଏବଂ ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ସିଂହଭୂମ ସାଂସ୍କୃତିକ ପରିଷଦର ସଭାପତି ସୁଜୟ କୁମାର ପାଣିଙ୍କ ଅଧକ୍ଷତାରେ ପରିଷଦର ପୂର୍ବତନ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ଡଃ ପତିତପାବନ ମଣ୍ଡଳଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମଣ୍ଡଳ ଅବିଭକ୍ତ ସିଂହଭୂମ ଜିଲ୍ଲାରେ ଓଡିଆ ଭାଷା ଓ ସଂସ୍କୃତିର ଉତ୍ଥାନ ପାଇଁ ଛାତ୍ରାବସ୍ଥାରୁ ହିଁ ଅତୁଟ ପ୍ରତିବଦ୍ଧତାର ସହ ସଦାସର୍ବଦା କାର୍ଯ୍ୟରତ ଥିଲେ। ପ୍ରତିଷ୍ଠିତ ଅନୁଷ୍ଠାନ ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ପରେ ଇସ୍ପାତ ନଗରୀ ରାଉରକେଲା ସହରରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟାପନା ସହ ଅଧକ୍ଷ ପଦରେ ଅବସ୍ଥାପିତ ହୋଇ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରି ସୁନାମ ଅର୍ଜନ କରିଛନ୍ତି। ଚାକିରିରୁ ଅବସର ପରେ ସେ ବିଭିନ୍ନ ସାମାଜିକ, ଧାର୍ମିକ, ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନ ସହ ଜଡ଼ିତ ଥିଲେ। ସ୍ୱର୍ଗତ ମଣ୍ଡଳ ଜଣେ ଉଚ୍ଚକୋଟିର ସଂଗଠକ ଥିଲେ। ତାଙ୍କ ସଫଳ ମାର୍ଗଦର୍ଶନ ଓ ଅବିଶ୍ରାନ୍ତ ଅବଦାନ ପାଇଁ ଅବିଭକ୍ତ ସିଂହଭୂମ ଜିଲ୍ଲାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବହୁଳ ଭାବେ ପ୍ରସାରିତ ହୋଇଥିଲା। ତାଙ୍କ ଅବର୍ତ୍ତମାନରେ ମଧ ସେ ଆମ୍ଭମାନଙ୍କର ହୃଦୟରେ ସର୍ବଦା ବିଦ୍ୟମାନ ଅଛନ୍ତି ଓ ରହିବେ ବୋଲି ମତ ପ୍ରକାଶ ପାଇଥିଲା। ସ୍ୱର୍ଗତ ମଣ୍ଡଳ ବିଶିଷ୍ଟ ସ୍ୱତନ୍ତ୍ରତା ସେନାନୀ ସ୍ୱର୍ଗତ ରାସବିହାରୀ ମଣ୍ଡଳଙ୍କ ପୁତ୍ର ଅଟନ୍ତି। ସିଂହଭୂମ ସାଂସ୍କୃତିକ ପରିଷଦ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସ୍ୱର୍ଗତ ମଣ୍ଡଳଙ୍କ ଶ୍ରେଷ୍ଠତମ ଅବଦାନ ପାଇଁ ତାଙ୍କୁ ସିଂହଭୂମର ଗୌରବ ସମ୍ମାନରେ ସମ୍ମାନିତ କରି ପରିଷଦ ନିଜକୁ ଗୌରବାନ୍ୱିତ ମନେ କରୁଥିବା କୁହାଯାଇଥିଲା। ସଭା ଆରମ୍ଭରେ ସ୍ୱର୍ଗତ ପତିତପାବନ ମଣ୍ଡଳଙ୍କ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଦୁଇ ମିନିଟ ପ୍ରାର୍ଥନା ସହ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା।

ପରିଷଦର ମୁଖ୍ୟ ପୃଷ୍ଠପୋଷକ ଡଃ ପଙ୍କଜ କୁମାର ନନ୍ଦ, ଉପସଭାପତି ରୁଦ୍ରଦତ୍ତ ଶତପଥୀ, କୁଞ୍ଜବିହାରୀ ଶତପଥୀ, କୋଷାଧକ୍ଷ ଭାସ୍କର ନନ୍ଦ, ରାମବିନୋଦ ମିଶ୍ର, ସନ୍ତୋଷ କୁମାର ନନ୍ଦ, ଧିରେନ ଚନ୍ଦ୍ର କବି, ଜୀବନ ଦାଶ, ମୁରଲୀଧର ମିଶ୍ର, ଅଶୋକ କୁମାର ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



**୫ ବର୍ଷ ତଳୁ କମ୍ୟୁନିଟି ସେଣ୍ଟର ଅଧପନ୍ତରିଆ**

# ପୁଣି ପାଖରେ ଚାଲିଛି ନୂତନ ନିର୍ମାଣ






ସୁନ୍ଦରଗଡ଼, ୮।୬(ସମିସ)

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ବିରବିରା ଗ୍ରାମରେ ପ୍ରାୟ ୫ ବର୍ଷ ତଳୁ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କାମ ସରିପାରୁ ନାହିଁ। ଏହା ଅଧପନ୍ତରିଆ ହୋଇ ପଡ଼ି ରହିଥିଲେ ହେଁ ଏହାକୁ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଅପରପକ୍ଷରେ, ଉକ୍ତ କମ୍ୟୁନିଟି ସେଣ୍ଟରକୁ ଲାଗି ଏକ ନୂତନ କମ୍ୟୁନିଟି ସେଣ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ଘଟଣାକୁ ନେଇ ପ୍ରଶାସନର କାର୍ଯ୍ୟଶୈଳୀ ସହ ସରକାରୀ ଅନୁଦାନର ଅପବ୍ୟବହାର ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

୫ ବର୍ଷ ତଳେ ବିରବିରା ୟୁଜିବି ବ୍ୟାଙ୍କ ଛକରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାର ଛାତ ପଡ଼ିବା ପରେ ଉକ୍ତ କାର୍ଯ୍ୟକୁ ଆଉ ଆଗକୁ ଆଗେଇ ନ ଥିଲା। ପଲସ୍ତରା, ଫ୍ଲୋରିଂ, ରଙ୍ଗ କାମ ହୋଇ ନାହିଁ କି କବାଟ ଝରକା ମଧ ଲଗାଯାଇ ନାହିଁ। ଏପରିକି ପ୍ରକଳ୍ପସ୍ଥଳରେ ସୂଚନା ଫଳକ ମଧ ପ୍ରଦର୍ଶିତ ହୋଇନି। ତେବେ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଥିବା ଗ୍ରାମବାସୀ କହୁଛନ୍ତି। ସେମାନେ ଏନେଇ ଏହି ସଂସ୍ଥାଠାରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏହାକୁ ସମ୍ପୂର୍ଣ୍ଣ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

୨୦୨୩-୨୪ ଆର୍ଥିକ ବର୍ଷରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅନୁଦାନରେ ଉକ୍ତ କମ୍ୟୁନିଟି ସେଣ୍ଟରକୁ ଲାଗି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅନ୍ୟ ଏକ ନୂତନ କମ୍ୟୁନିଟି ସେଣ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଏହାର କାର୍ଯ୍ୟନିର୍ବାହୀ ସଂସ୍ଥା ଭାବେ ନିଯୁକ୍ତ କରାଯାଇଛି। ଗୋଟିଏ ଅସମ୍ପୂର୍ଣ୍ଣ କମ୍ୟୁନିଟି ସେଣ୍ଟରକୁ ସମ୍ପୂର୍ଣ୍ଣ ନ କରି ସମାନ ସଂସ୍ଥା ଏହାକୁ ଲାଗି ଅନ୍ୟ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବାର କାରଣ କ'ଣ ବୋଲି ଲୋକେ ପ୍ରଶ୍ନ ଉଠାଉଛନ୍ତି। ଅଧପନ୍ତରିଆ ସେଣ୍ଟର ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା ପାଣିରେ ଭାସିବ କି ବୋଲି ଲୋକେ ଏବେ ଚର୍ଚ୍ଚା କରୁଛନ୍ତି।

## ଦୁଇ ଚେନ ଲୁଟେରା ଗିରଫ




**ରାଉରକେଲା, ୮।୬(ସମିସ):** ଜଣେ ବୃଦ୍ଧାଙ୍କ ବେକରୁ ଚେନ ଲୁଟ କରିବା ଅଭିଯୋଗରେ ଛେଣ୍ଡ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ମାଲଗୋଦାମ ବସ୍ତିର ଚନ୍ଦନ ସିଂ(୩୨) ଓ ଦୀପକ ସାହୁ (୨୪)। ସେମାନଙ୍କ ଠାରୁ ଗୋଟିଏ ସ୍କୁଟି ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଗତ ୩ ତାରିଖରେ ଛେଣ୍ଡ ଫେଜ୍ ୧ ଶିବ ମନ୍ଦିର ନିକଟ ଓ ୪ ତାରିଖରେ ସି୨ଏଲ୨ ମାର୍କେଟ ଠାରେ ଦୁଇ ଜଣ ବୃଦ୍ଧାଙ୍କ ଠାରୁ ଚେନ ଲୁଟ ହୋଇଥିଲା। ଏନେଇ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଶନିବାର ଲୁଟେରା ଦ୍ୱୟଙ୍କୁ ଗିରଫ କରିଥିଲା। ଲୁଟ୍ ସାମଗ୍ରୀ କିଣିଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

## ୱାଟର ହାଉସରୁ ଚୋରି; ୪ ଗିରଫ

**ରାଉରକେଲା, ୮।୬(ସମିସ):** ବାଲୁଘାଟସ୍ଥିତ ୱାଟର ହାଉସରୁ ଚୋରି କରିବା ଅଭିଯୋଗରେ ରଘୁନାଥପାଲି ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲୁଘାଟ ପଲପଲ୍ ବସ୍ତିର ରାଜ୍ ଭୋରିଆ(୧୮),



ରୁପୁଟୋଲା ବସ୍ତିର ରୋହିତ ଓରଫ ଜିତେନ୍ଦ୍ର ବାହାଦୁର(୨୫), ଧିରଜ ଝା (୨୯) ଓ ବାଲୁଘାଟ ନ୍ୟୁ ବସ୍ତିର ରାହୁଲ ବରୁଆ (୨୨)। ସେମାନଙ୍କଠାରୁ ଇଣ୍ଡକସନ୍ କୁକର୍, ଏଲପିଜି ସିଲିଣ୍ଡର, ପେଡେଶଟାଲ ଫ୍ୟାନ, ମଟର ଗୁଳି, ମଟର ଆଦି ଜବତ କରାଯାଇଛି। ବାଲୁଘାଟ ଠାରେ ଥିବା ୱାଟର ହାଉସରୁ ଗତ ୭ ଜୁନ ଅପରାହ୍ନ ୧ଟାରୁ ୪ଟା ମଧ୍ୟରେ ଚୋରି ହୋଇଥିଲା। ଏନେଇ ଲଳିତ ସାହୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଶନିବାର ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୯ ● ପାଉଣ୍ଡ ୧୦୬.୫୬
- ୟୁରୋ ୯୦.୮୩ ● ୟେନ୍ ୦.୫୩



**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୫,୨୦୦ (ଭୁବନେଶ୍ୱର)
- ରୁପା : ୯୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୬୯୩.୦୦
- ନିଫ୍ଟି ୨୩,୨୯୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଶେୟାର ବଜାର କ୍ରାସ୍‌କୁ ନେଇ ସୁପ୍ରିମକୋର୍ଟରେ ମାମଲା

**ନୂଆଦିଲ୍ଲୀ,୮।୬(ଏଜେନ୍ସି):** ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ଘୋରୋଇ ଶେୟାର ବଜାରରେ ବୃହତ୍ ହ୍ରାସ ଦେଖିବାକୁ ମିଳିଥିଲା। ଏଥିଯୋଗୁ ଜୁନ୍ ୪ରେ ନିବେଶକମାନଙ୍କର ଙ୍କ ୪୫ ଲକ୍ଷ କୋଟି ଟଙ୍କା ଡୁବିଯାଇଥିଲା। ଏବେ ବଜାର କ୍ରାସ୍‌କୁ ନେଇ ଏବେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। କେନ୍ଦ୍ର ସରକାର ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ବିରୋଧରେ ଏହି ମାମଲା ହୋଇଛି। ଏଥିରେ ଜୁନ୍ ୪ରେ ନିବେଶକଙ୍କ ଟଙ୍କା କିପରି ବୁଡ଼ିଲା, ସେ ନେଇ ରିପୋର୍ଟ ଉପସ୍ଥାନ ପାଇଁ ଏକ ନିର୍ଦ୍ଦେଶା ଜାରି କରିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଆବେଦନକାରୀ। ଆଇନଜୀବୀ ବିଶାଲ ତିୱାରୀ ଏ ନେଇ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲାରେ ଦାୟର କରିଛନ୍ତି। ସେ କହିଛନ୍ତି, ଲୋକସଭା ନିର୍ବାଚନ ଫଳାଫଳ ଆସିବା ଦିନ ଅର୍ଥାତ୍ ଜୁନ ୪ ତାରିଖରେ ସେୟାର ବଜାର ଦ୍ରୁତଗତିରେ ହ୍ରାସ ହୋଇଥିଲା। ଏହାକୁ ନେଇ ସେ ସେବି ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଏକଜିଟ୍ ପୋଲ୍ ଦିନ ଅଚାନକ ସେୟାର ବଜାର ଉପରମୁହାଁ ହୋଇଥିଲା ମାତ୍ର ଫଳାଫଳ ଆସିବା ଦିନ ପୁଞ୍ଜିବଜାର ନିମ୍ନଗାମୀ ହୋଇଥିଲା। ଜୁନ ୪ ରେ ଲୋକସଭା ନିର୍ବାଚନ ଭୋଟ୍ ଗଣତି ଆରମ୍ଭ ହେବାର କିଛି ସମୟ ପରେ ଜଣାପଡ଼ିଥିଲା ଭାରତୀୟ ଜନତା ପାର୍ଟି ବହୁମତଠାରୁ ବହୁ ଦୂରରେ ରହୁଛି, ଯାହାକି ଏକଜିଟ୍ ପୋଲ୍‌ରୁ ବହୁତ ତଫାତ୍ ଥିଲା। ଏହା ପରେ ପୁଞ୍ଜି ବଜାରରେ ହ୍ରାସ ଦେଖିବାକୁ ମିଳିଥିଲା। ସେନସେକ୍ସ ୬୩୦୦ ପଏଣ୍ଟ ଏବଂ ନିଫ୍ଟି ୨୦୦୦ ପଏଣ୍ଟ ହ୍ରାସ ପାଇଥିଲା। ଫଳରେ ଏକ ସମୟରେ ନିବେଶକ ପ୍ରାୟ ୪୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଥିଲା।

# ତୀବ୍ର ବେଗରେ ଖସୁଛି ସୁନା ଦର

- କ୍ରୟ ଉପରେ ଚୀନ୍ ଲଗାଇଛି ପ୍ରତିବନ୍ଧକ
- ଅନ୍ତର୍ଜାତୀୟ ବଜାରରେ ମୂଲ୍ୟରେ ୨%ରୁ ଅଧିକ ହ୍ରାସ



**ନୂଆଦିଲ୍ଲୀ,୮।୬(ଏଜେନ୍ସି)**

ନିକଟରେ ଘରୋଇ ବଜାରରେ ସୁନା ଓ ରୂପା ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଥିଲା। ଏମିତିକି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୩ ହଜାର ଟଙ୍କା ସ୍ତର ଟପିଯାଇଥିଲା। ତେବେ ହଠାତ୍ ବର୍ତ୍ତମାନ ସୁନା ମୂଲ୍ୟରେ ତୀବ୍ର ହ୍ରାସ ଘଟିଛି। କେବଳ ସୁନା ନୁହେଁ ରୁପା ମୂଲ୍ୟରେ ମଧ୍ୟ ବୃହତ୍ ହ୍ରାସ ଦେଖିବାକୁ ମିଳିଛି। ସୁନା ମୂଲ୍ୟରେ ହ୍ରାସର ବଡ଼ କାରଣ ହେଉଛି ଚୀନ୍ ଦ୍ୱାରା ଏହି ମୂଲ୍ୟବାନ ଧାତୁର କ୍ରୟ ଉପରେ ଲାଗୁ କରାଯାଇଥିବା ପ୍ରତିବନ୍ଧକ। ବିଶ୍ୱରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଚୀନ୍ ସୁନା କ୍ରୟ ବନ୍ଦ କରିଦେଇଛି। ଏହି କାରଣରୁ ଶୁକ୍ରବାର ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟରେ ୨ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି।

ଶୁକ୍ରବାର ସନ୍ଧ୍ୟାରେ ଏମ୍‌ସିଏକ୍ସ ଏକ୍ସଚେଞ୍ଜରେ ସୁନା ମୂଲ୍ୟରେ ଏକ ବଡ଼ ହ୍ରାସ ଘଟିଥିଲା | ଏମ୍‌ସିଏକ୍ସ ଏକ୍ସଚେଞ୍ଜରେ ଆସନ୍ତା ଅଗଷ୍ଟ ୫ ପାଇଁ ଡେଲିଭରୀ ନିମନ୍ତେ ରଖାଯାଇଥିବା ସୁନା ମୂଲ୍ୟରେ ୨ ପ୍ରତିଶତରୁ ଅଧିକ ହ୍ରାସ ଘଟି ୧୦ ଗ୍ରାମ ପିଛା ୭୧,୩୪୧ ଟଙ୍କାରେ ବନ୍ଦ ହୋଇଯାଇଥିଲା। ଏଥିସହିତ ଚଳିତବର୍ଷ ଡିସେମ୍ବର ୨୦ ଲାଗି ଡେଲିଭରୀ ନିମନ୍ତେ ରହିଥିବା ସୁନା ପାଇଁ ଥିବା ରୁପା ମୂଲ୍ୟ ୨୦୧ ଟଙ୍କା ହ୍ରାସ ପାଇ ଗତକାଲି ଏମ୍‌ସିଏକ୍ସ ଏକ୍ସଚେଞ୍ଜରେ ୮୮,୮୮୮ ଟଙ୍କାରେ କାରବାର ଶେଷ ହୋଇଥିଲା। ଆସନ୍ତା ସେପ୍ଟେମ୍ବର ୫ରେ ଡେଲିଭରୀ ନିମନ୍ତେ ପାଇଁ ରଖାଯାଇଥିବା ରୁପା ୯୧,୦୫୦ ଟଙ୍କା ସ୍ତରରେ କାରବାର ଶେଷ କରିଛି। ଏଥିସହିତ ସ୍ପଟ୍ ବଜାରରେ ରୁପା ମୂଲ୍ୟ ଆଉନ୍ସ ପିଛା ୨୯.୧୫ ଡଲାରରେ ପହଞ୍ଚିଛି।

ରାଜଧାନୀ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ୭୨,୨୫୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ପିଛା ସୁନା ୬୫,୨୦୦ ଟଙ୍କା ରହିଛି। ସେହିପରି ରୁପା ମୂଲ୍ୟ କିଲୋ ପିଛା ୯୨,୦୦୦ ଟଙ୍କା ସ୍ତରରେ କାରବାର ହୋଇଛି। ତେବେ ନୂଆଦିଲ୍ଲୀର ସରାଫା ବଜାରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ୭୧,୬୭୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ପିଛା ସୁନା ୬୫,୭୦୦ ଟଙ୍କା ରହିଛି। ସେହିପରି ରୁପା ମୂଲ୍ୟ କିଲୋ ପିଛା ୯୧,୫୦୦ ଟଙ୍କା ସ୍ତରରେ କାରବାର ହୋଇଛି।

**ସରକାରଙ୍କ ଚେତାବନୀ**

# ହ୍ୟାକ୍ ହୋଇପାରେ ଆଣ୍ଡ୍ରଏଡ୍ ୟୁଜର୍ସଙ୍କ ଫୋନ୍

**ନୂଆଦିଲ୍ଲୀ,୮।୬(ଏଜେନ୍ସି):** ଦେଶର ଆଣ୍ଡ୍ରଏଡ୍ ୟୁଜର୍ସ ବା ବ୍ୟବହାରକାରୀଙ୍କ ପାଇଁ ଇଣ୍ଡିଆନ୍ କମ୍ପ୍ୟୁଟର ଜରୁରୀକାଳୀନ ପ୍ରତିକ୍ରିୟା ଦଳ (ସିଇଆର୍‌ଟି-ଇନ୍) ନିକଟରେ ଏକ ଚେତାବନୀ ଜାରି କରିଛି। ଏହି ଅନୁଯାୟୀ, ଖୁବ୍ ଶୀଘ୍ର ଆଣ୍ଡ୍ରଏଡ୍ ବ୍ୟବହାରକାରୀମାନଙ୍କର ଫୋନ୍ ହ୍ୟାକ୍ ହୋଇପାରେ। ସିଇଆର୍‌ଟି-ଇନ୍ ଅନୁଯାୟୀ, ଆଣ୍ଡ୍ରଏଡ୍ ଓଏସ୍‌ରେ ଅନେକ ତ୍ରୁଟି ଦେଖିବାକୁ ମିଳିଛି। ଏହାର ଫାଇଦା ନେବାକୁ ଯାଇ ହ୍ୟାକରମାନେ ଆପଣଙ୍କ ଫୋନରୁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ତଥ୍ୟ ହ୍ୟାକ୍ କରି ନେଇଯିବାର ସମ୍ଭାବନା ରହିଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନସ୍ଥ ସିଇଆରଟି-ଇନ୍ ଏ ନେଇ ଆଣ୍ଡ୍ରଏଡ୍ ୟୁଜରମାନଙ୍କୁ ଚେତାବନୀ ଦେଇଛି।

ଏଭଳି ପରିସ୍ଥିତିରେ କେଉଁ ଆଣ୍ଡ୍ରଏଡ୍ ସଂସ୍କରଣ ବିପଦରେ ଅଛି ତାହା ଜାଣିବା ଜରୁରୀ। ଏଥିରେ ଆଣ୍ଡ୍ରଏଡ୍ ୧୨, ଆଣ୍ଡ୍ରଏଡ୍ ୧୨ ଏଲ୍, ଆଣ୍ଡ୍ରଏଡ୍ ୧୩ ଏବଂ ଆଣ୍ଡ୍ରଏଡ୍ ୧୪ ମଧ୍ୟ ଅନ୍ତର୍ଭୁକ୍ତ। ସି ଇ ଆ ର୍ ଟି - ଇ ନ୍ ଅନୁଯାୟୀ, ଏହି ତ୍ରୁଟି ଯୋଗୁଁ ଯଦି କୌଣସି ହ୍ୟାକର ଆପଣଙ୍କ ଫୋନ୍‌କୁ ହ୍ୟାକ୍ କରିବାକୁ ଚାହାଁନ୍ତି। ତେବେ ଏହା ତାଙ୍କ ପାଇଁ ବହୁତ ସହଜ ହେବ। ଆପଣଙ୍କ ଫୋନ୍ ହ୍ୟାକ୍ କରିବା ପରେ, ହ୍ୟାକର ଆପଣଙ୍କ ଫୋନରୁ ତଥ୍ୟ ଚୋରି କରି ସେହି ତଥ୍ୟକୁ ଡାର୍କ ୱେବ୍‌ରେ ବିକ୍ରି କରିପାରନ୍ତି। ଏହାସହିତ, ହ୍ୟାକର ଆପଣଙ୍କ ଫୋନରେ ସର୍ଭିସ୍ ଡେନିଅଲ୍ ସ୍ଥିତିକୁ ମଧ୍ୟ ସକ୍ରିୟ କରିପାରିବେ। ତେଣୁ ସିଇଆର୍‌ଟି-ଇନ୍ ବ୍ୟବହାରକାରୀଙ୍କୁ ଯଥାଶୀଘ୍ର ସୁରକ୍ଷା ପ୍ୟାଚ୍ ଅପଡେଟ୍ କରିବାକୁ କହିଛି।



# ଡ୍ରାଗନ୍‌ର ଚାଲ୍: ମହଙ୍ଗା ହେବ ସ୍ମାର୍ଟଫୋନ୍

**ନୂଆଦିଲ୍ଲୀ, ୮ ।୬ (ଏଜେନ୍ସି)**

ଯେତେବେଳେ ବି ସ୍ମାର୍ଟଫୋନ୍ ବିଷୟରେ ଆଲୋଚନା ହୁଏ, ସେତେବେଳେ ସମସ୍ତଙ୍କ ଆଖି ନଜର ଚୀନ୍ ଉପରେ ରହିଥାଏ। ଏଥର ଡ୍ରାଗନ୍‌ର ଚାଲାକିପଣିଆ ଯୋଗୁ ଯୋଗୁଁ ଭାରତର ସ୍ମାର୍ଟଫୋନ୍ ବଜାର ପୁଣି ଥରେ ପ୍ରଭାବିତ ହେବାକୁ ଯାଉଛି। ଅର୍ଥାତ୍ ଭାରତରେ ସ୍ମାର୍ଟଫୋନ୍ ମହଙ୍ଗା ହୋଇପାରେ। ଅନେକ ଭାରତୀୟ ଗ୍ରାହକ ଏହି ଖବର ଶୁଣି ଆଶ୍ଚର୍ଯ୍ୟ ହୋଇପାରନ୍ତି। କାରଣ ଇତିମଧ୍ୟରେ ଚାଇନିଜ ମୁଦ୍ରା ୟୁଆନ୍‌ର ସ୍ଥିତି ମଧ୍ୟ ମଜବୁତ ହୋଇଛି। ଏହା ସ୍ମାର୍ଟଫୋନ୍ ବଜାର ଉପରେ ସିଧାସଳଖ ପ୍ରଭାବ ପକାଇବ। ରିପୋର୍ଟ ଅନୁଯାୟୀ, ୟୁଆନ୍ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଏହା ସାମସଙ୍ଗ ଏବଂ ମାଇକ୍ରୋନ୍ ଉପରେ ସିଧାସଳଖ ପ୍ରଭାବ ପକାଇବାକୁ ଯାଉଛି। କାରଣ ଉଭୟ ବ୍ରାଣ୍ଡ ସ୍ମାର୍ଟଫୋନ୍ ଏବଂ ପିସି ବଜାରରେ କାମ କରୁଛନ୍ତି।

ଏ ସମ୍ପର୍କରେ ଟ୍ରେଣ୍ଡ ଫୋର୍ସର ବିଶେଷଜ୍ଞମାନଙ୍କର କହିବା ହେଉଛି ଯେ, ଆମେ ଆଶା କରିଥିଲୁ ଯେ ମେମୋରୀ ମୂଲ୍ୟ ବୃଦ୍ଧି ହେବ। ଫେବୃଆରୀ ତୃତୀୟ ସପ୍ତାହରେ ଏହା ୧୦-୧୫ ପ୍ରତିଶତ ବୃଦ୍ଧି ପାଇଥିଲା। ଯଦି ଏହା ଘଟେ ତେବେ ସମସ୍ତଙ୍କୁ ମହଙ୍ଗା ସ୍ମାର୍ଟଫୋନର ଭାର ବହନ କରିବାକୁ ପଡିବ, କିନ୍ତୁ ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି, ଯାହା ପରେ ଡ୍ୟୁଟି ହ୍ରାସ କରାଯାଇଛି। ଏହା ମଧ୍ୟ ସ୍ମାର୍ଟଫୋନ୍ ମୂଲ୍ୟ ଉପରେ ସିଧାସଳଖ ପ୍ରଭାବ ପକାଇବାକୁ ଯାଉଛି।

ସ୍ମାର୍ଟଫୋନ୍ ଶିଳ୍ପର କାର୍ଯ୍ୟନିର୍ବାହୀମାନେ କହିଛନ୍ତି ଯେ ନିକଟ ଭବିଷ୍ୟତରେ ମୂଲ୍ୟ ବୃଦ୍ଧି କରିବାକୁ ଯାଉଛି। ଏହା ଖୁବ୍ ଶୀଘ୍ର ଦୃଶ୍ୟମାନ ହେବ। ମାର୍ଚ୍ଚ ତ୍ରୈମାସିକରେ ଏହା ମଧ୍ୟ ଦେଖିବାକୁ ମିଳିବ। ତେବେ ସ୍ମାର୍ଟଫୋନର ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ନୂଆ ପଦକ୍ଷେପ ନେଉଛନ୍ତି। ଏହି ବିଷୟରେ ଏକ ନିଷ୍ପତ୍ତି ମଧ୍ୟ ଖୁବ୍ ଶୀଘ୍ର ନିଆଯାଇପାରେ। ତେବେ ଏ ପର୍ଯ୍ୟନ୍ତ କୌଣସି କମ୍ପାନୀ ଆଡୁ ଏ ସମ୍ପର୍କରେ କୌଣସି ସରକାରୀ ଘୋଷଣା କରାଯାଇନାହିଁ। କିନ୍ତୁ ଏହା ନିଶ୍ଚିତ ଭାବେ ସ୍ପଷ୍ଟ ଯେ ଏହା ସ୍ମାର୍ଟଫୋନ ବଜାର ଉପରେ ସିଧାସଳଖ ପ୍ରଭାବ ପକାଇବ। ସ୍ମାର୍ଟଫୋନ୍ ଶିଳ୍ପର କାର୍ଯ୍ୟନିର୍ବାହୀମାନେ କହିଛନ୍ତି ଯେ ହ୍ୟାଣ୍ଡସେଟ୍ ମୂଲ୍ୟ ବୃଦ୍ଧି ହେବାକୁ ଯାଉଛି। ଏହା ଖୁବ୍ ଶୀଘ୍ର ଦୃଶ୍ୟମାନ ହେବ। ମାର୍ଚ୍ଚ ତ୍ରୈମାସରେ ଏହା ମଧ୍ୟ ଦେଖିବାକୁ ମିଳିବ।




# ରିଲାଏନ୍ସ ଜୁଏଲ୍ସର ବିବାହମ୍ କଲେକ୍ସନ



**ମୁମ୍ବଇ,୮।୬(ସିମସ):** ଭାରତର ଅନ୍ୟତମ ବିଶ୍ୱସନୀୟ ଜୁଏଲାରୀ ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ବଧୂମାନଙ୍କ ପାଇଁ ଏହାର ନୂତନ କଲେକ୍ସନ ସ୍ୱତନ୍ତ୍ର ବିବାହମ୍ କଲେକ୍ସନର ଉନ୍ମୋଚନ କରାଯାଇଛି। ଏହି କଲେକ୍ସନରେ ଅଳଙ୍କାରର ସୂକ୍ଷ୍ମ ପିସ୍‌ଗୁଡିକ ସାମିଲ ରହିଛି ଯାହା ଦେଶର ଭିନ୍ନ ଭିନ୍ନ ଅଂଶରୁ ବ୍ରାଇଡାଲ ଲୁକ୍ ବା ବିବାହ ସୌନ୍ଦର୍ଯ୍ୟର ପ୍ରତିନିଧିତ୍ୱ କରୁଛି। ସୁନା ଓ ହୀରାରେ ନିର୍ମିତ ଏହି କଲେକ୍ସନ ବିଶାଳ ଭାରତୀୟ ବିବାହର ଚମତ୍କାର ଉତ୍ସାହକୁ ଧାରଣ କରିଛି। ଏଥିରେ ୧୪ଟି ଭିନ୍ନ ଭିନ୍ନ ଲୁକ୍ ରହିଛି ଯାହା ଦିଲ୍ଲୀ, ୟୁପି, ବିହାର, ଓଡିଶା, ପଞ୍ଜାବ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ଭଳି ୯ଟି ଅଂଚଳର ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି। ଏହି ଉନ୍ମୋଚନ ସହିତ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ "ଦ କ୍ୱିନ୍ ଇନ୍ ୟୁ" କ୍ୟାମ୍ପେନ୍ ଶୁଭାରମ୍ଭ କରାଯାଇଛି ଯାହା ଭାରତବ୍ୟାପୀ ବଧୂମାନଙ୍କୁ ସେମାନଙ୍କର ସ୍ୱତନ୍ତ୍ର ଦିନରେ କାଳଜୟୀ ସୌନ୍ଦର୍ଯ୍ୟତା ଓ ଅନୁଗ୍ରହକୁ ଧାରଣ କରିଥିବାର ପ୍ରଦର୍ଶିତ କରିଛି। ଏହି କଲେକ୍ସନ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସ ସିଇଓ ସୁନୀଲ ନାୟକ କହିଛନ୍ତି, ଏହାର ବିବଧି ରେଞ୍ଜ ସହିତ ବିବାହମ୍ କଲେକ୍ସନକୁ ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ଆଧୁନିକ ବଧୂମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

# ନୀଲମ୍ ଟୟୋଟାରେ ଅର୍ବାନ୍ କ୍ରୁଜର ଟାଇଜର

**ଭୁବନେଶ୍ୱର,୮।୬(ସମିସ):** ବାଲେଶ୍ୱରସ୍ଥିତ ନୀଲମ୍ ଟୟୋଟାଠାରେ ଅଲ୍ ନିୟୁ ଟୟୋଟା 'ଅର୍ବାନ୍ କ୍ରୁଜର ଟାଇଜର'ର ବଜାର ପ୍ରବେଶ ହୋଇଯାଇଛି। ଡିଲର ପ୍ରିନ୍ସିପାଲ ନନ୍ଦକିଶୋର ଶରାଓଗୀ ନୂଆ ଗାଡ଼ିର ଅନାବରଣ କରିଥିଲେ। ଏହି ଅବସରରେ ସେଲ୍ସ ମ୍ୟାନେଜର ଅରବିନ୍ଦ ନାୟକ, ଆଇସିଆଇସିଆଇ ବ୍ୟାଙ୍କର, କାନାରା ବ୍ୟାଙ୍କ, ଚୋଲାମଣ୍ଡଳମ୍ ଫାଇନାନ୍ସ ପ୍ରମୁଖର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଗାଡ଼ି ୫ଟି ମଡେଲ ଏବଂ ରଙ୍ଗରେ ଉପଲବ୍ଧ। ଏହାର ବେସ୍ ମଡେଲ ଏକ୍ସ ଶୋ ରୁମ୍ ମୂଲ୍ୟ ୭,୭୩,୫୦୦ ଟଙ୍କା ରହିଛି। ଡିଲର ପ୍ରମୁଖଙ୍କ ଦ୍ୱାରା ଗ୍ରାହକଙ୍କ ପାଇଁ ଟେଷ୍ଟ ଡ୍ରାଇଭ୍ ସୁବିଧା ରହିଛି। ସବୁ ବୟସ ବର୍ଗର ଲୋକଙ୍କୁ ସୁହାଇବା ଭଳି ଏହି ଗାଡି ନିର୍ମିତ ହୋଇଥିଲା ବେଳେ ଏଥିରେ ଡବଲ୍ ଇଞ୍ଜିନ ରହିଛି । ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଅର୍ବାନ କ୍ରୁଜର ଟାଇଜରରେ ରହିଛି ଆଡଭାନ୍ସ ଫିଚର୍ସ। ଏଥିସହିତ ଟୟୋଟାର ଏହି ନୂତନ ଗାଡି ଅସାଧାରଣ ଶକ୍ତିସମ୍ପନ୍ନ ଇଞ୍ଜିନ ଦ୍ୱାରା ପରିଚାଳିତ ହେବ। ୧.୦ ଲିଟର ଟର୍ବୋ, ୧.୨ ଲିଟର ପେଟ୍ରୋଲ ଏବଂ ଇ-ସିଏନଜିର ବିକଳ୍ପ ରହିଛି।



# ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିକୁ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର




**ଭୁବନେଶ୍ୱର, ୮।୬(ସମିସ):** ଟାଟା ଷ୍ଟିଲର ଫେରୋ ଆଲଏଜ୍ ଆଣ୍ଡ ମିନେରାଲସ ଡିଭିଜନ (ଏଫ୍‌ଏଏମଡି) କୁ ଶନିବାର ଦୀର୍ଘସ୍ଥାୟୀ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆୟୋଜିତ ନବମ ଜାତୀୟ ଆଲୋଚନାଚକ୍ର ସମାରୋହରେ ସମ୍ମାନଜନକ 'କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଛି। ପରିବେଶ ସଂରକ୍ଷଣ ଏବଂ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣିକୁ ୨୦୨୩ ବର୍ଷର ପ୍ରଦର୍ଶନ ପାଇଁ ପାଞ୍ଚ ତାରକା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଆୟୋଜିତ ନବମ ଜାତୀୟ ସମ୍ମିଳନୀରେ ଏଫଏଏମଡିର ମୁଖ୍ୟ (ଖଣି) ଶମ୍ଭୁ ନାଥ ଝା, ସହକାରୀ ପ୍ରବନ୍ଧକ (ପରିବେଶ) ବିଶ୍ୱରଂଜନ ଧଳ ସମ୍ମାନୀୟ ଅତିଥି ଲିଶୁଥୁ ସାମ୍ରାଜ୍ୟର ହାଇ କମିଶନର ଲେବୋହାଙ୍ଗ ଭାଲେଣ୍ଟାଇନ ମୋଷାବାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମଏସ) ଏବଂ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଏଣ୍ଟରପ୍ରାଇଜ (ଆଇପିଇ), ହାଇଦ୍ରାବାଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ପୁରସ୍କାର ପାଇଁ ଜୁରୀଙ୍କୁ ଧନ୍ୟବାଦ ଜଣାଇ ଟାଟା ଷ୍ଟିଲର ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି ଯେ, ଆମେ ସମସ୍ତେ ଜଳ, ଶକ୍ତି, ଖାଦ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ପରସ୍ପର ସହ ଜଡ଼ିତ ଥିବା ସମ୍ପର୍କ ବିଷୟରେ ଅବଗତ ଅଛୁ। ଅନ୍ୟ କ୍ଷେତ୍ର ପାଇଁ ଜଳ ଉପଲବ୍ଧ କରାଇବା ଲାଗି ଜଳ ବ୍ୟବହାର ଦକ୍ଷତା ବୃଦ୍ଧି ପାଇଁ ଆମେ ସ୍ମାର୍ଟ ଜଳ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛୁ ଏବଂ ବର୍ଜ୍ୟବସ୍ତୁର ସଦୁପଯୋଗ ଦିଗରେ ମଧ୍ୟ ଆମେ କାର୍ଯ୍ୟ କରୁଛୁ।

**ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନସ୍ୟୁରାନ୍ସ ରିପୋର୍ଟ**

# ଇଭି ମାଲିକଙ୍କୁ ଗାଡ଼ି ଚାର୍ଜିଂ ଚିନ୍ତା

**ନୂଆଦିଲ୍ଲୀ, ୮ ।୬ (ଏଜେନ୍ସି)**



ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନସ୍ୟୁରାନ୍ସର ରିପୋର୍ଟ ଅନୁଯାୟୀ, ୭୭ ପ୍ରତିଶତ ଭାରତୀୟ ପରିବେଶକୁ ସୁରକ୍ଷା ରଖିବା ଏବଂ କମ୍ ପ୍ରଦୂଷଣ ସୃଷ୍ଟି କରିବା ପାଇଁ ବୈଦ୍ୟୁତିକ ଯାନ (ଇଭି) କିଣୁଛନ୍ତି। ଇଭି ମାଲିକମାନଙ୍କ ପାଇଁ ସବୁଠାରୁ ବଡ ଚିନ୍ତା ହେଉଛି ଗାଡ଼ିକୁ ଚାର୍ଜ କରିବା। ଏହି ରିପୋର୍ଟରେ, ଭାରତର ବଡ ସହରଗୁଡିକରେ ରହୁଥିବା ୫୦୦ରୁ ଅଧିକ ବୈଦ୍ୟୁତିକ ଯାନ ମାଲିକଙ୍କ ଉପରେ ସର୍ଭେ କରାଯାଇଥିଲା। ଏହି ସର୍ଭେରୁ ଜଣାଯାଇଛି ଯେ ଲୋକମାନେ ଯାନବାହାନ ବଦଳାଇବାକୁ ଚିନ୍ତା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ୭୭ ପ୍ରତିଶତ ବୈଦ୍ୟୁତିକ ଯାନ ମାଲିକ କହିଛନ୍ତି ଯେ କମ୍ ପ୍ରଦୂଷଣ ହେଉଛି ଏକ ଇଭି କିଣିବାର ସବୁଠାରୁ ବଡ କାରଣ। ଆହୁରି ମଧ୍ୟ ୭୩ ପ୍ରତିଶତ ଲୋକ କହିଛନ୍ତି ଯେ ପେଟ୍ରୋଲ/ଡିଜେଲ ଖର୍ଚ୍ଚ କମ୍ ହେତୁ ସେମାନେ ବୈଦ୍ୟୁତିକ ଯାନ କିଣିଛନ୍ତି।

ବୈଦ୍ୟୁତିକ ଯାନ ସମ୍ପୂର୍ଣ୍ଣ ରୂପେ ଆପଣାଇବାରେ କିଛି ସମସ୍ୟା ରହିଛି। ୬୧ ପ୍ରତିଶତ ଗାଡି ମାଲିକ ଗାଡି ଚାର୍ଜ କରିବାର ସମୟ ବିଷୟରେ ଅଧିକ ଚିନ୍ତିତ। ଗୋଟିଏ ଗାଡି ଗୋଟିଏ ଚାର୍ଜରେ କେତେ ଦୂର ଯାଇପାରିବ ତାହାକୁ ନେଇ ଅଧାରୁ ଅଧିକ ଅର୍ଥାତ୍ ୫୪ ପ୍ରତିଶତ ଚିନ୍ତିତ। ସେହିଭଳି, ୫୨ ପ୍ରତିଶତ ଲୋକ ଅନୁଭବ କରନ୍ତି ଯେ ତାଙ୍କ ଅଞ୍ଚଳରେ କମ୍ ଚାର୍ଜିଂ ଷ୍ଟେସନ୍ ରହିଛି। ମୁମ୍ବାଇ, ଚେନ୍ନାଇ ଏବଂ ବାଙ୍ଗାଲୋରରେ ରହୁଥିବା ଲୋକମାନେ ସମୟ ଚାର୍ଜ କରିବାକୁ ଅଧିକ ଚିନ୍ତିତ। ଯେତେବେଳେ କି ଦିଲ୍ଲୀ ଏବଂ ହାଇଦ୍ରାବାଦରେ ରହୁଥିବା ଲୋକମାନେ ଗାଡିର ସ୍ୱଳ୍ପ ଦୂରତ୍ୱ ଡ୍ରାଇଭିଂ ପାଇଁ ଅଧିକ ଚିନ୍ତିତ ଅଛନ୍ତି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଅଧିକାଂଶ ଲୋକ (୯୧ ପ୍ରତିଶତ) ଜାଣନ୍ତି ଯେ ବୈଦ୍ୟୁତିକ ଯାନ ପାଇଁ ପୃଥକ ବୀମା ବ୍ୟବସ୍ଥା ଅଛି। ବିଶେଷକରି କାର ମାଲିକମାନେ ଭଲ ଭାବରେ ଜାଣନ୍ତି ଯେ ବୈଦ୍ୟୁତିକ ଯାନ ପାଇଁ ଅଲଗା ବୀମା ରହିବା ଆବଶ୍ୟକ। ଯେତେବେଳେ ଲୋକମାନେ ବୀମା ବାଛିଥାନ୍ତି, ସେମାନେ ଦୁଇଟି ମୁଖ୍ୟ ଜିନିଷକୁ ଧ୍ୟାନରେ ରଖିଥାନ୍ତି। ପ୍ରଥମ ହେଉଛି ବୀମା କେତେ ମହଙ୍ଗା ଏବଂ ଦ୍ୱିତୀୟଟି ଦାବିକୁ କେତେ ସହଜରେ ଗ୍ରହଣ କରାଯାଏ। ରିପୋର୍ଟ ଅନୁଯାୟୀ, ଅଧିକାଂଶ ଲୋକ ଚାହାଁନ୍ତି ଯେ ସେମାନଙ୍କ ବୀମା ଯେ କୌଣସି ଯାନ ସମସ୍ୟା ପାଇଁ ୨୪ ଘଣ୍ଟିଆ ସହାୟତା ଅନ୍ତର୍ଭୁକ୍ତ କରିଥାଏ।

**୫୨% କମ୍ ଚାର୍ଜିଂ ଷ୍ଟେସନ୍‌କୁ ଦାୟୀ କରୁଛନ୍ତି**

